# ନିୟମଗିରିର କାହାଣୀ : ସୀମାହୀନ ଅଭିବୃଦ୍ଧିର ଭାବନା ଉଦ୍‌ବେଗଜନକ


***ପ୍ରକାଶକ :***

କଳ୍ପବୃକ୍ଷ

ଶ୍ରୀ ଦତ୍ତକୃପା, ୯୦୮ ଡେକାନ ଜିମ୍‌ଖାନା, ପୁଣେ-୪୧୧୦୦୪

www.kalpavrikh.org

***ଲେଖା ପ୍ରସ୍ତୁତି :*** ତତ୍‌ପତି ଏମ୍., କୋଠାରୀ ଏ, ମିଶ୍ରା ଆର (୨୦୧୬)

ନିୟମଗିରି କାହାଣୀ : ସୀମାହୀନ ଅଭିବୃଦ୍ଧି ଭାବନା ଉଦ୍‌ବେଗ ଜନକ

ପୁଣେ, ମହାରାଷ୍ଟ୍ର, କଳ୍ପବୃକ୍ଷ



***ଲେଖକ ବୃନ୍ଦ :*** ମୀନାଲ୍ ତତ୍‌ପତି, ଆଶିଷ କୋଠାରୀ, ଓ ରାଶି ମିଶ୍ର



***ପ୍ରଥମ ପ୍ରକାଶନ :***

***ଅଧ୍ୟୟନ :*** ଓକ୍ସଫମ-ଇଣ୍ଡିଆଙ୍କ ଦ୍ୱାରା ସମର୍ଥିତ



***ସ୍ୱତ୍ୱାଧିକାର୍ :*** ଏହି କୃତି ପାଇଁ କାହାରି ସ୍ୱତ୍ୱାଧିକାର ନାହିଁ । ଏହାର ବିଷୟବସ୍ତୁରେ କୌଣସି ପରିବର୍ତ୍ତନ ନକରି ଅନୁବାଦଏବଂ ବଣ୍ଟନ କରିବାରେ ଯେ କେହି ବ୍ୟକ୍ତି ମୁକ୍ତ । କେବଳ ନିବେଦନ, ମୂଳ ଉତ୍ସର ସ୍ୱୀକାରୋକ୍ତି ସହ ଆମ୍ଭ ନିକଟକୁ ପୁନଃମୁଦ୍ରଣ ଅଥବା ଅନୁବାଦର ଖଣ୍ଡିଏ କପି ପଠାଇବେ । ଏହି ଅଧ୍ୟୟନ ଅକ୍ସଫମ୍ ଇଣ୍ଡିଆଙ୍କ ଦ୍ୱାରା ସମର୍ଥିତ ଏକ ପ୍ରକଳ୍ପ "ବିକଳ୍ପ ସଂଗମ: ପଞ୍ଜୀକରଣ ଏବଂ ଭାରତରେ ବିକଳ୍ପମାନଙ୍କର ସଂଗମ"ର ପରିଣତି । ଭାରତରେ ବିକଳ୍ପ ଆଧାର ଓ ପ୍ରଥା/ ପଦ୍ଧତି ସଂଧାନରେ ଏକ ବୃହତ୍ତର ପ୍ରକ୍ରିୟାର ଏହା ଅଂଶ ବିଶେଷ, ଯାହା ପ୍ରାକୃତିକ ପରିବେଶକୁ ଦୀର୍ଘକାଳ ବଜାୟ ରଖି ସାମାଜିକ ହିତ ଓ ନ୍ୟାୟ, ପ୍ରତ୍ୟକ୍ଷ ଗଣତନ୍ତ୍ର ଏବଂ ଅର୍ଥନୈତିକ ଗଣତନ୍ତ୍ର ପ୍ରଦର୍ଶନ କରିଥାଏ । ଅଧିକ ଜାଣିବା ପାଇଁ ଦେଖନ୍ତୁ: www.vikalpsangam.org ବିଷୟ ଉପରେ ଆଲୋଚନା ପାଇଁ ନିମନ୍ତ୍ରିତ ବ୍ୟକ୍ତିଙ୍କ ତାଲିକାରେ ଅନ୍ତର୍ଭୁକ୍ତ ହେବା ସକାଶେ ଯୋଗାଯୋଗ କରନ୍ତୁ : anurivelihoods@gmail.com .



***ଫଟୋଗ୍ରାଫ୍ :*** ଆଶିଷ କୋଠାରୀ, ରାଶି ମିଶ୍ର ଏବଂ ମୀନାଲ ତତ୍‌ପତି

***ରେଖାଚିତ୍ର ପରିକଳ୍ପନା ଓ ନକ୍ସା ପ୍ରସ୍ତୁତି :*** ତାନ୍ୟା ମଜୁମଦାର

***ଋଣ ସ୍ୱୀକାର୍ :*** ଆମେ ବିଭିନ୍ନ ଗାଁରେ ପହଞ୍ଚି ଡଙ୍ଗରିଆ କନ୍ଧ ଗୋଷ୍ଠୀକୁ ଭେଟିଥିଲୁ ଏବଂ ସେମାନେ ଆମକୁ ନିଜ ନିଜ ଗାଁକୁ ସ୍ୱାଗତ କରି ଆମ୍ଭମାନଙ୍କ ପାଇଁଶ୍ରଦ୍ଧାରେ ସମୟ ଦେଇ ଆମର ସମସ୍ତ ପ୍ରଶ୍ନର ସମାଧାନ କରିଥିଲେ । ଆମେ ସେଇ ଡଙ୍ଗରିଆ କନ୍ଧ ଗୋଷ୍ଠୀକୁ ଧନ୍ୟବାଦ ଅର୍ପଣ କରୁଛୁ । ମୁଖ୍ୟତଃ ବୟୋଜ୍ୟେଷ୍ଠ ବ୍ୟକ୍ତି ଯଥା, ଲାଡ଼ୋ ଶିକାକା, ଦଧି ପୁଷିକା ଏବଂ ବାରିପିଡ଼ିକାକାଙ୍କୁ ସେମାନଙ୍କର ଖୋଲା ହୃଦୟରେ କଥାବାର୍ତ୍ତା, ଏବଂ ସେମାନଙ୍କର ଆତିଥ୍ୟ ପାଇଁ ଏବଂ ତାଙ୍କ ଗ୍ରାମର ମହିଳାମାନଙ୍କ ସହିତ କଥାବାର୍ତ୍ତା କରିବାର ସୁଯୋଗ ଯୋଗାଇ ଦେଇଥିବାରୁ କୁମ୍ଟି ମାଝିଙ୍କୁ ଆମେ କୃତଜ୍ଞତା ଜଣାଉଛୁ । ଏହି ଅଧ୍ୟୟନ ସମ୍ଭବ ହୋଇ

ପାରିନଥାନ୍ତା ସୁବାସ କୁଲେସିକାଙ୍କ ବ୍ୟତିରେକେ ଯିଏ ତାଙ୍କର ବହୁମୂଲ୍ୟ ସମୟ ଦେଇ ଗ୍ରାମମାନଙ୍କରେ ଆମ ପରିକ୍ରମା ପାଇଁ ଉଦ୍ୟମ କରିଥିଲେ ଏବଂ ଆମ ସାଙ୍ଗରେ ଯାଇଥିଲେ ଏବଂ ଅନୁବାଦ ଭଳି ମୂଲ୍ୟବାନ କାର୍ଯ୍ୟ ସଂପାଦନ କରିବା ସହିତ ଆବଶ୍ୟକୀୟ ଅନ୍ତଃଦୃଷ୍ଟି ଯୋଗାଇ ଦେଇଥିଲେ । କେତେକ ପରିକ୍ରମାରେ ଗଣେଶ ଜାକେସିକାଙ୍କ ମୂଲ୍ୟବାନ ଉପସ୍ଥିତି ପାଇଁ ଆମେ ତାଙ୍କୁ କୃତଜ୍ଞତା ଜଣାଉଛୁ ବଳି ଏବଂ ରବି କର୍କରିଆ ଯେଉଁ ମାନେ ଆମ୍ଭମାନଙ୍କ ପାଇଁ ଏବଂ ଶ୍ରୀଙ୍କ ପାଇଁ ସେମାନଙ୍କର ଘର ଖୋଲି ଦେଇଥିଲେ, ଯିଏ ନିର୍ଭୀକ ଭାବରେ ଆମ୍ଭମାନଙ୍କୁ ଏହି ପ୍ରାକୃତିକ ବୈଭବ ଭରା ଦୁଷ୍କର ଅଞ୍ଚଳରେ ବୁଲାଇଥିଲେ ।

ବିଶେଷ ଧନ୍ୟବାଦ ଭାଲଚନ୍ଦ୍ର ଷଡ଼ଙ୍ଗୀ, ସୁଧୀର ପଟ୍ଟନାୟକ ଏବଂ ଲିଙ୍ଗରାଜ ଆଜାଦଙ୍କୁ ଯେଉଁମାନଙ୍କ ବ୍ୟତିରେକେ ଏହି କଷ୍ଟସାଧ୍ୟ କାର୍ଯ୍ୟ ସମ୍ଭବ ହୋଇପାରିନଥାନ୍ତା ।

ବସୁନ୍ଧରାର ତୁଷାର ଦାଶ ଏବଂ ସୁବ୍ରତକୁମାର ନାୟକଙ୍କୁ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜ୍ଞାନରଂଜନ ସ୍ୱାଇଁଙ୍କୁ ଆମର ପ୍ରଥମ ପର୍ଯ୍ୟାୟ ଯାତ୍ରାରେ ଯୋଗଦାନ କରିଥିବାରୁ ଏ ଗବେଷଣାରେ ସାର୍ଥକ ଆଲୋଚନା ସକାଶେ ଆମେ ଧନ୍ୟବାଦ ଦେଉଛୁ । ବସୁନ୍ଧରାର ସୁଶାନ୍ତ ଦଳାଇ ଏବଂ ଲିଭିଂ ଫର୍ମସ୍‌ର ଦେବଜିତ ଷଡ଼ଙ୍ଗୀଙ୍କୁ ଡଙ୍ଗରିଆ କନ୍ଧଙ୍କ କେତେକ ଖାଦ୍ୟ ସଂସ୍କୃତି ଉପରେ ମୂଲ୍ୟବାନ ତଥ୍ୟପାଇଁ ଆମେ କୃତଜ୍ଞତା ଜଣାଉଛୁ ।

***ଏଥିରେ ଅଛି :***

### ୧. ଅଧ୍ୟୟନର ଉପକ୍ରମ

- ଉଦ୍ଦେଶ୍ୟ
- ପଦ୍ଧତି
- ସସୀମତା/ ପ୍ରତିବନ୍ଧକ

### ୨. ନିୟମଗିରି ପାହାଡ଼ମାନଙ୍କର ଡଙ୍ଗରିଆ କନ୍ଧ

- ଅଞ୍ଚଳ ଓ ସାମାଜିକ ଅନୁଷ୍ଠାନ

### ୩. ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମ

- ପଞ୍ଚାୟତ
- ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା
- ସଂଗ୍ରାମ

### ୪. ଡଙ୍ଗରିଆ କନ୍ଧମାନଙ୍କ ସ୍ୱଷ୍ଟୋକ୍ତି

- ପ୍ରକୃତି, ସଂସ୍କୃତି ଓ ପରିଚୟ ଉପରେ
- ଅଞ୍ଚଳ, ସାମାଜିକ ଓ ରାଜନୈତିକ ସଂଗଠନ ସଂପର୍କରେ
- ବିକାଶ ସଂପର୍କରେ
- ଜୀବନଯାପନର ପଛାରେ ପରିବର୍ତ୍ତନକୁ ନେଇ

**ଉପସଂହାର : ଭବିଷ୍ୟତ ଭିତରକୁ ପରିଜ୍ଞାତ ପାଦଚଲା ରାସ୍ତା ସୁଗମ କରିଦେବା ପାଇଁ ଗତି ।**

---

## ଅଧ୍ୟୟନର ଉପକ୍ରମ :

'ଡଙ୍ଗରିଆ କନ୍ଧ' ୮୦୦୦ ଜନସଂଖ୍ୟାକୁ ନେଇ ଏକ କ୍ଷୁଦ୍ର ଆଦିବାସୀ ।(୧) ଗୋଷ୍ଠୀ ଯେଉଁମାନେ ଓଡ଼ିଶାର ପୂର୍ବଘାଟ ପର୍ବତ ଶ୍ରେଣୀରେ ବସବାସ କରନ୍ତି । ଏକ ଦଶକ ବ୍ୟାପୀ ସେମାନଙ୍କର ପ୍ରତିରୋଧାତ୍ମକ ଆନ୍ଦୋଳନ ତୃଳମୂଳ ସ୍ତରରୁ ସଂଗଠିତ ହୋଇଆସୁଛି । ଏହି ଆନ୍ଦୋଳନ ରୀତିସଂଗତ ଓ ସୁବ୍ୟବସ୍ଥିତ । ଗୋଟିଏ ଜନସମୁଦାୟ ଓ ସେମାନଙ୍କର ଜୀବନଶୈଳୀ ଶୋଷଣାତ୍ମକ ବିକାଶ ବିରୁଦ୍ଧରେ ଏକ ଚିତ୍ତାକର୍ଷକ ରୂପ ନେଇ ଏକ ବିଶାଳ ବହୁ ରାଷ୍ଟ୍ରୀୟ ନିଗମ ସହିତ ସଂଘର୍ଷରତ ।

ଏହି ସଂଗ୍ରାମ ବିପୁଳ ଆନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କଲା । ଏହା ସମସାମୟିକ କଳିଙ୍ଗ ଏବଂ ଫିଲିପାଇନ୍‌ସରେ(୨) ଚିକୋ ନଦୀ ଅବବାହିକା ବିକାଶ ଯୋଜନା ବିରୋଧରେ ବଣ୍ଟକ ଲୋକମାନଙ୍କ ସଂଗ୍ରାମ, ବ୍ରିଟିଶ କଲମ୍ବିଆରେ(୩) ଟାର ସ୍ୟାଣ୍ଡସ ଆଣ୍ଡ ଗ୍ୟାସ ପାଇପ ଲାନ୍‌ସ ଯୋଜନା ବିରୁଦ୍ଧରେ ୱେଟ୍ ସୁୱେଟେନ ଜାତିର ସଂଗ୍ରାମ, ବ୍ରାଜିଲ୍‌ରେ(୪) ଗୌରାନୀ ଲୋକମାନଙ୍କର ସେମାନଙ୍କ ଅଞ୍ଚଳରେ ଅର୍ଥକରୀ ବୃକ୍ଷରୋପଣ ବିରୁଦ୍ଧରେ ସଂଗ୍ରାମ; ଅଷ୍ଟ୍ରେଲିଆର(୫) କୁଇନ୍‌ସଲ୍ୟାଣ୍ଡରେ କୋଇଲା ଖଣି ବିରୋଧରେ ୱାଜନ ଓ ଜଗଲିଙ୍ଗଉ ଲୋକଙ୍କ ସଂଗ୍ରାମ ସମେତ ଏପରି ଅନେକ ସଂଗ୍ରାମ ସହିତ ସମକକ୍ଷ ।

ଏହା ନିଃସନ୍ଦେହ ଯେ ସାଂପ୍ରତିକ କାଳରେ ଶୈଳ୍ପିକ ବିକାଶର ଚାହିଦା ପ୍ରାଥମିକତଃ ଖଣିଜ ଉତ୍ତୋଳନ, ଜଳ ଓ ଜଙ୍ଗଲ ସମ୍ବଳ ଉପରେ ପର୍ଯ୍ୟବସିତ । ଏହା ମୂଳ ଅଧିବାସୀ ଗୋଷ୍ଠୀ ଏବଂ ସେମାନଙ୍କର ନିବାସସ୍ଥଳୀମାନଙ୍କର(୬) ମୂଲୋତ୍ପାଟନ କରି ଦେଉଛି । 'ଅର୍ଥନୈତିକ ବିକାଶ'ର ଆଦର୍ଶ ବିଶ୍ୱବ୍ୟାପୀ ଅନୁସୃତ ହେଉଛି । ପରିଣାମ ସ୍ୱରୂପ  କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏବଂ ପ୍ରାକୃତିକ ଜଗତ ପ୍ରତି ଚତୁର୍ଦ୍ଦିଗରେ ତୀବ୍ର ଅନ୍ୟାୟ, ସଂଗଠିତ ହିଂସା ଗଭୀର ଭାବରେ ଦୃଢ଼ୀଭୂତ ହେଉଛି ଏବଂ ଧୀରେ ଧୀରେ ବିଶ୍ୱର ଚତୁର୍ପାର୍ଶ୍ୱରେ ସମାଜ, ସଂସ୍କୃତି ଏବଂ ଜୀବିକା ନିର୍ବାହର ବିବିଧତାକୁ ନଷ୍ଟଭ୍ରଷ୍ଟ କରି ଦେଉଛି । ଅନେକ ସ୍ଥାନୀୟ ଲୋକ ସମୁଦାୟ ଏବଂ ଅନ୍ୟ ଗୋଷ୍ଠୀମାନେ ସେମାନଙ୍କର ପ୍ରତିରୋଧାତ୍ମକ ସଂଗ୍ରାମ ମାଧ୍ୟମରେ ଏହାକୁ ଦର୍ଶାଇ ଦେଇଛନ୍ତି ଏବଂ ପରିଣାମ ସ୍ୱରୂପ ଏହି ଲୋକ ସମୁଦାୟ ଏବଂ ଗୋଷ୍ଠୀମାନେ ସ୍ଥାନୀୟ ଏବଂ ବିଶ୍ୱ ସଂକଟ ପ୍ରତି ସେମାନଙ୍କର ନିଜର ମନୋଭାବ ସ୍ପଷ୍ଟ ବ୍ୟକ୍ତ କରିବା ଆରମ୍ଭ କରିଛନ୍ତି । ଅନ୍ୟ ସବୁ ବିଚାର ଭିତରେ ରହିଛି ପେରୁଭିୟାନ ଆମାଜୋନିୟନ ଆଶାନିଙ୍କା ଗୋଷ୍ଠୀମାନଙ୍କ ସଂଘର କାମେସ୍ତା ଆଶାଇକୀକୁ (ଭଲରେ ବଂଚିବା)(୭) ନେଇ ସ୍ପଷ୍ଟ ଅଭିବ୍ୟକ୍ତି ଅଥବା ସୁମକ କାୱସେର ଇକ୍ୱେଡ଼ର ଆଣ୍ଡିୟାନ ବିଚାର (ଜୀବନର ପରିପୂର୍ଣ୍ଣତା ବା ସୁଖ ସମୃଦ୍ଧି)(୮) ଅଥବା ଉବୁନ୍ଟୁ(୯)କୁ ନେଇ ଦକ୍ଷିଣ ଆଫ୍ରିକୀୟ ମନୋବୃତ୍ତି ଅଥବା ସ୍ୱରାଜକୁ(୧୦) ନେଇ ଭାରତୀୟ ବିଚାର । ସ୍ଥାନୀୟ ମୂଳ ଗୋଷ୍ଠୀମାନଙ୍କର ସେମାନେ ରହୁଥିବା ପ୍ରାକୃତିକ ପରିବେଶ ସହିତ ସଂପର୍କରେ ଏବଂ ଯେଉଁ ପନ୍ଥାରେ ସେମାନେ ବିଶ୍ୱକୁ ଉପଲବ୍ଧି କରୁଛନ୍ତି ତହିଁରେ ଏହି ବିଚାରଗୁଡ଼ିକର ମୂଳ ରହିଛି । 'ଭଲରେ ବଂଚିବାର ଅର୍ଥ କ'ଣ' ଏହାକୁ ନେଇ ଗୋଷ୍ଠୀମାନଙ୍କର ଆନୁମାନିକ ଦୃଷ୍ଟିଭଙ୍ଗୀ/ ବିଚାର, ତା' ବିଷୟରେ ଆନୁମାନିକ ବିଚାର ଏବଂ ବାହାରେ ଚଳପ୍ରଚଳ ହେଉଥିବା ଲୋକ, ସରକାର ଏବଂ ଅନ୍ୟମାନଙ୍କ ସମେତ ଯେଉଁମାନଙ୍କର ସମର୍ଥନ କରିବାରେ ଶକ୍ତି ଅଛି ଅଥବା ସେମାନଙ୍କର ପ୍ରାକୃତିକ ପରିବେଶର ଭିତ୍ତିଭୂମିକୁ ଅନାବଶ୍ୟକ ହସ୍ତକ୍ଷେପ ଦ୍ୱାରା ଦୁର୍ବଳ କରିଦେବାପାଇଁ, ସାମର୍ଥ୍ୟ ଅଛି, ସେମାନଙ୍କ ସହିତ କି ପ୍ରକାର ସଂପର୍କ ରଖିବା ସେମାନେ ଚାହାନ୍ତି ? ଏହି ଗୋଷ୍ଠୀମାନେ ପୁଣି ନିଜ ନିଜ ଭବିଷ୍ୟତକୁ ନେଇ ସ୍ୱୟଂ ନିଷ୍ପତ୍ତି ନେବା ଦିଗରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ସେମାନେ ସେମାନଙ୍କ ପାଇଁ, ସେମାନଙ୍କ ଅଞ୍ଚଳ ପାଇଁ, ସମ୍ବଳ ଓ ସଂସ୍କୃତି ପାଇଁ ଚିତ୍ରପଟ, ଚଳଚ୍ଚିତ୍ର ଇତ୍ୟାଦି ପ୍ରଦର୍ଶନ ମାଧ୍ୟମରେ ଏବଂ କଲମ୍ବିଆର ମିଶାକ ଗୋଷ୍ଠୀଙ୍କ(୧୧)  ପ୍ଲାନ ଡି ଭଡ଼ା (ଜୀବନ ପାଇଁ ଯୋଜନା) ପରି ପ୍ରତ୍ୟକ୍ଷ

ବକ୍ତବ୍ୟମାନଙ୍କ ମାଧ୍ୟମରେ ସାରା ବିଶ୍ୱରେ ସାଂସ୍କୃତିକ ବିବିଧତାର ଶୃଙ୍ଖଳିତ ବିଧିବିଧାନ(୧୨) ଯାହା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ, ଯାହା ସେମାନଙ୍କୁ ସାହାଯ୍ୟ କରିଥାଏ ସେମାନଙ୍କ ଦୃଷ୍ଟିଭଙ୍ଗୀକୁ ଅନ୍ୟମାନଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ସେମାନଙ୍କର ନିଜପାଇଁ ଚାହିଦା କ'ଣ ତାହା ଉପସ୍ଥାପନ କରିବା ପାଇଁ କେବଳ ନୁହେଁ, ମାତ୍ର ବାହାର କର୍ମୀମାନଙ୍କୁ ବିନିଯୋଗ କରିବା ପାଇଁ ନିୟମ ଓ ନିର୍ଦ୍ଦେଶାବଳୀ ପ୍ରବର୍ତ୍ତନ କରିବା । ସାଂପ୍ରତିକ ଅଥବା ଆଧୁନିକ ପରିପ୍ରେକ୍ଷୀରେ ବିକଳ୍ପ ଆଧାର ଯଥା ୟୁରୋପରେ ଅବମୂଲ୍ୟାୟନ (Degrowth) ଏବଂ ଉତ୍ତର ଆମେରିକା ଓ ୟୁରୋପରେ ଦୃଢ଼ତା ଓ ସାମାଜିକ ଅର୍ଥନୀତି, ଭାରତରେ ସୁଦୂର ପ୍ରସାରୀ ପାରିବେଶିକ ଗଣତନ୍ତ୍ର(୧୩) ମଧ୍ୟ ପରିଦୃଷ୍ଟ ହେଉଛି । ଏଭଳି ଭାବରେ ପ୍ରତିରୋଧାତ୍ମକ ସଂଗ୍ରାମମାନଙ୍କର ପୃଷ୍ଠଭୂମିରେ ଏହି ପୁରାତନ ଓ ନବୀନ ବିଚାରମାନ ଏବଂ ଦୃଷ୍ଟିମାନ ଲୋଭୀ ଲୁଣ୍ଠନ ପରାୟଣ ଅର୍ଥନୈତିକ ବିକାଶର ନମୁନା ଆଦର୍ଶ ପ୍ରତି ଏକ ବଳିଷ୍ଠ ପ୍ରତିବାଦ ଉପସ୍ଥାପନ କରୁଛି ।

## ଅଧ୍ୟୟନର ଉଦ୍ଦେଶ୍ୟ :

ଡଙ୍ଗରିଆ କନ୍ଧଗୋଷ୍ଠୀଙ୍କର ନିୟମଗିରିର ପାହାଡ଼ମାନଙ୍କରେ ନିବାସସ୍ଥଳୀ ଶକ୍ତିଶାଳୀ ବେଦାନ୍ତ ଆଲୁମିନା ଲିମିଟେଡ଼ ଦ୍ୱାରା ବକ୍ସାଇଟ୍ ଖଣି ଉତ୍ତୋଳନ ଯୋଗୁଁ ଧ୍ୱଂସ ପ୍ରାପ୍ତ ହେଉଥିବାରୁ ଏହାର ବିରୁଦ୍ଧରେ ଡଙ୍ଗରିଆ କନ୍ଧ ଗୋଷ୍ଠୀର ସଂଗ୍ରାମକୁ ନେଇ ବହୁତ ଗୁଡ଼ାଏ ଲେଖା ହୋଇଛି । ନିୟମଗିରିର ପବିତ୍ରତା, ସେମାନଙ୍କର ସଂସ୍କୃତି ଏବଂ ଅସ୍ତିତ୍ୱକୁ ନେଇ ଏପରି ଏକ ସନ୍ଧିକ୍ଷଣ ଭଲ ଭାବରେ ପଞ୍ଜୀକୃତ ହୋଇଛି ଏବଂପରିବେଶବିତ୍‌ମାନଙ୍କ ଦ୍ୱାରା ଏବଂ ମାନବିକ ଅଧିକାରର ସମର୍ଥନକାରୀଗଣଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଶଂସିତ ହୋଇଛି । କିନ୍ତୁ 'ବିକାଶ' ଓ 'କଲ୍ୟାଣ'କୁ ନେଇ ସେମାନଙ୍କର ଧାରଣା କିପରି ଭାବରେ ଏଥିରେ ପ୍ରତିଫଳିତ ହୋଇଛି ସେ ସଂପର୍କରେ ବିଶେଷ କିଛି ଲେଖାଯାଇନାହିଁ । ସେଥିପାଇଁ ଏକ ପ୍ରାଥମିକ ଅବବୋଧର ଆବଶ୍ୟକତା ରହିଛି ଏବଂ ଡଙ୍ଗରିଆ କନ୍ଧ ଏହି ମନୋଭାବଗୁଡ଼ିକୁ ନେଇ କ'ଣ ବିଚାର କରୁଛନ୍ତି ତାହା ଗୋଷ୍ଠୀର ସହଜାତ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଏବଂ ଜୀବିକା ଉପାର୍ଜନର ପ୍ରଥା ମାଧ୍ୟମରେ ଏବଂ 'ବିକାଶ' ଓ 'କଲ୍ୟାଣ'କୁ ନେଇ ସେମାନେ କ'ଣ ଧାରଣା କରୁଛନ୍ତି, ଏ ସଂପର୍କରେ ସେମାନଙ୍କର ଅଭିବ୍ୟକ୍ତି କ'ଣ, ତାହା ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନାର ଆୟୋଜନ କରି ତାହା ଲିପିବଦ୍ଧ କରିବାର ଆବଶ୍ୟକତା ରହିଛି ।

ସାଂପ୍ରତିକ ଅଧ୍ୟୟନଟିକୁ ଗ୍ରହଣ କରାଗଲା ଯଦ୍ୱାରା ଏହି ଅଧ୍ୟୟନର ଉପଲବ୍ଧି ଗୁଡ଼ିକ ଡଙ୍ଗରିଆ କନ୍ଧମାନଙ୍କ ନିକଟରେ ପହଞ୍ଚିବ ଏବଂ ସେମାନଙ୍କର ସଂଘର୍ଷକୁ ସମର୍ଥନ କରୁଥିବା କାର୍ଯ୍ୟକ୍ଷେତ୍ରର ସକ୍ରିୟ ବ୍ୟକ୍ତିମାନଙ୍କ ନିକଟକୁ ନିଆଯାଇପାରିବ ।

(କ) 'କଲ୍ୟାଣ'କୁ ନେଇ ଡଙ୍ଗରିଆ କନ୍ଧଙ୍କର ବିଶ୍ୱଦୃଷ୍ଟିକୁ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରିବା ପାଇଁ ସୁଯୋଗ ସୃଷ୍ଟି କରିବ ।

(ଖ) ଭାରତ ଭିତରେ ଡଙ୍ଗରିଆ କନ୍ଧ(୧୪) ଭଳି ଗୋଷ୍ଠୀ ମାନଙ୍କର ସ୍ୱୀକୃତି ଏବଂ ସଂପୂର୍ଣ୍ଣ ସଂପୃକ୍ତି ସହ 'କଲ୍ୟାଣ'ର ଏକ ବିକଳ୍ପ ଆଧାର ପ୍ରସ୍ତୁତ କରିବା ଯାହା ସାଂପ୍ରତିକ ପ୍ରତିପତ୍ତିଶାଳୀ ଅର୍ଥନୈତିକ ଏବଂ ଶାସନ ପରିଚାଳନାର ଆଦର୍ଶରେ ଏକ ବିକଳ୍ପ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିପାରିବ ।

(ଗ) ସମଶ୍ରେଣୀୟ ସ୍ଥାନୀୟ ମୂଳ ଅଧିବାସୀ ସମୂହ ଓ ଅନ୍ୟଗୋଷ୍ଠୀମାନଙ୍କ ମଧ୍ୟରେ 'କଲ୍ୟାଣ'କୁ ନେଇ ବିଶ୍ୱଦୃଷ୍ଟିର ଆଦାନପ୍ରଦାନ ପାଇଁ ଏବଂ ବିଶ୍ୱବ୍ୟାପୀ ଅନ୍ୟ ସାଧାରଣ ସମାଜର ପ୍ରତିଫଳନ ଓ ଦୂରଦୃଷ୍ଟି ଆନ୍ଦୋଳନମାନଙ୍କୁ ପରିପୁଷ୍ଟ କରି, ପ୍ରଚଳିତ ପ୍ରଭାବଶାଳୀ ରାଜନୈତିକ ଅର୍ଥନୀତି ଠାରୁ ଏକ ବିକଳ୍ପ ବିଶ୍ୱସ୍ତରୀୟ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିବା ପାଇଁ ସୁଯୋଗ ଯୋଗାଇବ ।

## ଅଧ୍ୟୟନର ପଦ୍ଧତି :

ଅଧ୍ୟୟନର ଏକ ଅଙ୍ଗ ରୂପେ, ଆମ୍ଭେମାନେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ନିୟମଗିରି ପାହାଡ଼ ଅଂଚଳରେ ଥିବା ଡଙ୍ଗରିଆ ଗାଁମାନଙ୍କୁ ଡିସେମ୍ବର ୨୦୧୪ ଏବଂ ଡିସେମ୍ବର ୨୦୧୫(୧୫) ମଧ୍ୟରେ ତିନି ତିନି ଥର ଗଲୁ ଯେଉଁଠାରେ ପୂର୍ବରୁ କୌଣସି ପ୍ରସ୍ତୁତି ନକରି ଡଙ୍ଗରିଆ କନ୍ଧଙ୍କ ସହିତ ସାଧାରଣ କଥାବାର୍ତ୍ତା ଚାଲିଲା, ସଂଗ୍ରାମ ସଂପର୍କରେ, ପାହାଡ଼ିଆ ଜୀବନ ସଂପର୍କରେ ଏବଂ ଉନ୍ନୟନକୁ ନେଇ ସେମାନଙ୍କର ଦୂରଦୃଷ୍ଟି ସଂପର୍କରେ ଏକାଠିକରି ପ୍ରସ୍ତୁତ କରାଯାଇଥିବା ଏକ ନମୁନା ଆମ ଅଧ୍ୟୟନର ଦିଗ୍‌ଦର୍ଶକ ରୂପେ ଗ୍ରହଣ କରିଥିଲୁ । ସେଗୁଡ଼ିକ ହେଲା :

(କ) 'ଉନ୍ନୟନ' କହିଲେ ଡଙ୍ଗରିଆ କନ୍ଧମାନେ କ'ଣ ବିଚାର କରନ୍ତି, ସେମାନେ ଯେତେବେଳେ ଚତୁର୍ପାର୍ଶ୍ୱରେ ଦେଖନ୍ତି ଅଥବା ଯେତେବେଳେ ସେମାନଙ୍କୁ ବୁଝାଇ ଦିଆଯାଏ/ ସେମାନଙ୍କ ପାଖରେ ସ୍ପଷ୍ଟ ଭାବରେ ପ୍ରକାଶ କରାଯାଇଥାଏ ? ଯେତେବେଳେ ଉନ୍ନୟନର ଏହି ପ୍ରକାର ରୂପ ଗୋଷ୍ଠୀ ସମ୍ମୁଖରେ ଉଭା ହୁଏ, ସେତେବେଳେ ସେମାନଙ୍କର ଆକସ୍ମିକ ଓ ଅନୁମାନ କରୁଥିବା ଭୟ ଓ ବିପଦ ସବୁ କ'ଣ ?

(ଖ) ଯଦି ସେମାନେ ଏହି ପ୍ରକାର 'ଉନ୍ନୟନ'ର ସପକ୍ଷରେ ନୁହନ୍ତି, ତେବେ 'କଲ୍ୟାଣ'ର ବିକଳ୍ପ ଦୂରଦୃଷ୍ଟି ସେମାନଙ୍କର କ'ଣ ଯାହା ଜୀବିକା ନିର୍ବାହ, ଖାଦ୍ୟ, ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ ମୌଳିକ ଚାହିଦାର ନିରାପତ୍ତା ପ୍ରାପ୍ତ ହେବାରେ ଏବଂ ନିୟନ୍ତ୍ରଣ କରିବାରେ ସେମାନଙ୍କର ସହାୟକ ହେବ? ସ୍ୱୟଂଶାସନ, ସ୍ୱୟଂ ସଂପୂର୍ଣ୍ଣ, ସ୍ୱୟଂ ନିୟନ୍ତ୍ରଣ ଏବଂ ଏପରି ଅନ୍ୟସବୁ ଧାରଣା ଗୁଡ଼ିକ କ'ଣ ଏହାର ଅଂଶ ବିଶେଷ ?

(ଗ) ଯୁବଗୋଷ୍ଠୀ ଭିତରେ ଅଭିନବ ଅଭିପ୍ସା ରହିଛି କି ଯାହା ଉପରୋକ୍ତ ବିଷୟ ଗୁଡ଼ିକୁ ପ୍ରତିରୋଧ କରୁଛି ଏବଂ ଯଦି ତାହାହୁଏ, ତେବେ ସେଗୁଡ଼ିକୁ କିପରି ସମ୍ମୁଖୀନ ହେବା/ ସମାଧାନ କରିବା ?

(ଘ) ସେମାନେ କ'ଣ ସେମାନଙ୍କର କଲ୍ୟାଣର ଜଗଦ୍ଦୃଷ୍ଟି ନିଜସ୍ୱ ଏକ ପନ୍ଥାରେ ବିଚାର କରୁଛନ୍ତି କି ଏବଂ ଏହି ନିଜସ୍ୱ ବିଚାରକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରୁଛନ୍ତି କି ? ଅଥବା ସେମାନେ କେବଳ ଚାହୁଁଛନ୍ତି ରାଜ୍ୟ/ ନିଗମମାନ ସେମାନଙ୍କୁ ନିଜାଞ୍ଚଳରେ ଛାଡ଼ି ଦିଅନ୍ତୁ ? ଶେଷୋକ୍ତଟି ଯଦି ହୁଏ ତେବେ ସେମାନେ କ'ଣ ରାଜ୍ୟର କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଦରକାର କରୁନାହାନ୍ତି କି ?

(ଙ) ସେମାନଙ୍କର ସ୍ଥାୟୀ ଜୀବିକା ଉପାର୍ଜନ ପାଇଁ ସେମାନେ ନିର୍ଭର କରୁଥିବା ପରିବେଶକୁ ସୁରକ୍ଷିତ କରିବା ପାଇଁ ସେମାନଙ୍କୁ ସଙ୍ଗେ ସଙ୍ଗେ ପ୍ରବର୍ତ୍ତାଇବା ବ୍ୟତୀତ ସେଥିରେ କ'ଣ ସାର୍ବଜନୀନ ଦୃଷ୍ଟି ଅଥବା ଜଗଦ୍ଦୃଷ୍ଟି ଅନ୍ତର୍ନିହିତ ଅଛି ଯେଉଁ ଦୃଷ୍ଟିରେ ଆଧୁନିକ 'ଉନ୍ନୟନକାରୀ' ଅର୍ଥନୀତି ପ୍ରକୃତିକୁ ଓ ପ୍ରାକୃତିକ ସମ୍ବଳକୁ ଦେଖିଥାଏ ତା'ଠାରୁ ମୌଳିକତଃ ପୃଥକ୍ ? ସ୍ପଷ୍ଟତଃ ଆଧ୍ୟାତ୍ମିକ ଅଥବା

ଧାର୍ମିକ ପ୍ରବର୍ତ୍ତନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଏଗୁଡ଼ିକ କ'ଣ ଦୃଢ଼ ଭାବରେ ବୃହତ୍ତର ସାର୍ବଜନୀନ ଦୂରଦୃଷ୍ଟି ବା ଜଗଦ୍ଦୃଷ୍ଟି ସହିତ ଯୋଡ଼ି ହୋଇ ଯାଇଛି ?

କଥୋପକଥନ ମାଧ୍ୟମରେ ଏହି ପ୍ରଶ୍ନମାନଙ୍କୁ କେନ୍ଦ୍ରକରି ଆମ୍ଭେମାନେ ଉଦ୍ୟମ କଲୁ ବୁଝିବା ପାଇଁ କି ତହିଁରେ ଡଙ୍ଗରିଆ କନ୍ଧମାନଙ୍କର ସାର୍ବଜନୀନ ଦୂରଦୃଷ୍ଟି ବା ବିଶ୍ୱଦୃଷ୍ଟି ଅନ୍ତର୍ନିହିତ ଥିଲା କି ଯାହା ମୌଳିକତଃ ଆଧୁନିକ ଉନ୍ନୟନକାରୀ ଅର୍ଥନୀତି ପ୍ରକୃତି ଓ ପ୍ରାକୃତିକ ଉତ୍ସକୁ ଯେଉଁ ମାର୍ଗରେ ଦେଖେ ତା'ଠାରୁ ଭିନ୍ନ । ସେମାନଙ୍କର ଉତ୍ତର ଗୁଡ଼ିକ ଭିତ୍ତିରେ ପ୍ରଥମ ପରିଦର୍ଶନ ପରେ ଆମ ଦଳ ସକ୍ରିୟ ଅଣଡଙ୍ଗରିଆ କନ୍ଧ କର୍ମୀ ଯେଉଁମାନେ ସଂଘର୍ଷକୁ ଦିଗଦର୍ଶନ ଦେଉଥାନ୍ତି ସେମାନଙ୍କ ନିକଟରେ ଲୋକେ ବ୍ୟକ୍ତ କରୁଥିବା ବିଚାର ଏବଂ ସେଗୁଡ଼ିକର ପ୍ରତିଫଳନକୁ ନେଇ କଥାବାର୍ତ୍ତା କଲେ । ତମ୍ଭ ଗୋଷ୍ଠୀର କିଛି ସଦସ୍ୟଙ୍କ ସହିତ ଆମର ପାରସ୍ପରିକ କଥାବାର୍ତ୍ତା ହୋଇଥିଲା, ଯେଉଁମାନେ ନିୟମଗିରି ପର୍ବତମାଳାରେ ଡଙ୍ଗରିଆଙ୍କ ସହ ବସବାସ କରିଥାନ୍ତି । ଆମେ ଆମର ପରିଦର୍ଶନ କାଳରେ ଚାଟିକଣାସ୍ଥ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର କିଛି ଅଧିକାରୀଙ୍କ ସହିତ ସମ୍ପ୍ରତି ଡଙ୍ଗରିଆ କନ୍ଧଙ୍କ ପାଇଁ ପ୍ରଚଳିତ ଥିବା କେତୋଟି ଯୋଜନା ସଂପର୍କରେ ପାରସ୍ପରିକ ଭାବବିନିମୟ କଲୁ । ଏଭଳି ଭାବରେ ଏହି ଅଧ୍ୟୟନ ପ୍ରାଥମିକତଃ ଡଙ୍ଗରିଆ କନ୍ଧମାନଙ୍କର 'ଉନ୍ନୟନ' ବିଷୟରେ ନିଜସ୍ୱ ବ୍ୟକ୍ତ ବିଚାର, ସେଠାରେ ସକ୍ରିୟ ଥିବା କର୍ମୀଙ୍କର ଅନ୍ତର୍ଦୃଷ୍ଟି ଏବଂ ଡଙ୍ଗରିଆ କନ୍ଧଙ୍କ ସାଙ୍ଗରେ ବସବାସ କରୁଥିବା ଲୋକଙ୍କ ବିଚାରକୁ ନେଇ ପ୍ରସ୍ତୁତ । ବିପରୀତ ଭାବରେ ଏଗୁଡ଼ିକୁ ଉପସ୍ଥାପନ କରି ବକ୍ତବ୍ୟ ସରକାରୀ କଲ୍ୟାଣ ସଂସ୍ଥା ଦ୍ୱାରା ଦିଆଯାଇଥିବା ଏବଂ ଏଗୁଡ଼ିକର ପରିପୂରକ ସ୍ୱରୂପ କିଛି ସହାୟକ ସାହିତ୍ୟରୁ ତଥ୍ୟ ଆହରଣ କରାଯାଇଛି ।

## *ସସୀମତା / ପ୍ରତିବନ୍ଧକ*

ଆମେ ସମ୍ମୁଖୀନ ହୋଇଥିବା ସବୁଠାରୁ ବଡ଼ ପ୍ରତିବନ୍ଧକ ଥିଲା ଭାଷାର ଦୃଢ଼ ପ୍ରାଚୀର, ଯେହେତୁ ଉଭୟ କୁଇ ଏବଂ ଓଡ଼ିଆ ଥିଲା ସଂପୂର୍ଣ୍ଣ ଅପରିଚିତ ଭାଷା ଏବଂ ଦଳ ଅଧିକ ମାତ୍ରାରେ ବିଶ୍ୱାସ କରିଥିଲା ସାଙ୍ଗରେ ଥିବା ଓଡ଼ିଆ ଭାଷୀମାନଙ୍କ ଉପରେ । ସମୟ ଓ ସମ୍ବଳର ସ୍ୱଳ୍ପତା ଦୃଷ୍ଟିରୁ ଏବଂ ଗୋଷ୍ଠୀ ଉପରେ କିଛି ଲଦି ଦେବା ପାଇଁ ଆମର କୁଣ୍ଠା ହେତୁ ପ୍ରତି ଗାଁରେ କିଛି ଘଣ୍ଟାରୁ ଅଧିକ ସମୟ ବ୍ୟୟ କରିବାକୁ ଆମେ ସମର୍ଥ ହୋଇ ପାରିନଥିଲୁ । କିଛି ବୟସ୍କ ଡଙ୍ଗରିଆ କନ୍ଧଙ୍କ ସହିତ ଏବଂ ନେତୃସ୍ଥାନୀୟ ଲୋକଙ୍କ ସହିତ ଯେଉଁମାନେ ସେମାନଙ୍କର ସଂଘର୍ଷର କଥା କହୁଥାନ୍ତି ଏବଂ ସେମାନେ ନିୟମଗିରି ଓ ସେମାନଙ୍କର ଗୋଷ୍ଠୀ ପାଇଁ ଆଦର୍ଶ ଭବିଷ୍ୟତ କ'ଣ ହେବ ତାକୁ ନେଇ କ'ଣ ସମ୍ଭାବନା କରୁଛନ୍ତି, ସେହି ବିଷୟରେ ଗଭୀର କଥାବାର୍ତ୍ତା କଲାବେଳେ, ଯୁବ ଗୋଷ୍ଠୀ ସହିତ, ମହିଳା ଓ ଧାର୍ମିକ ଓ ଆଧ୍ୟାତ୍ମିକ ନେତା ଯଥା ବେଜୁଣୀ ଓ ଜାନିଙ୍କ ସହିତ ନିବିଡ଼ କଥାବାର୍ତ୍ତା ସମ୍ଭବ ହୋଇପାରିଲା ନାହିଁ ।

କଥାବାର୍ତ୍ତା କଲାବେଳେ ଡଙ୍ଗରିଆ କନ୍ଧଙ୍କ ଏକ ଅସାଧାରଣ ବିଶ୍ୱଦୃଷ୍ଟିର ଝଲକ ପ୍ରକଟିତ ହୁଏ, ଉପରେ ପ୍ରଦର୍ଶିତ ସମସ୍ତ ଉପାଦାନମାନଙ୍କର ମିଶ୍ରିତ କାରଣରୁ, ସଂପୂର୍ଣ୍ଣ ରୂପେ ଏହାକୁ ବ୍ୟକ୍ତ କରିବା ପାଇଁ ଆମେ ଅସମର୍ଥ ହୋଇଛୁ । ଯାହାହେଉ, ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନମାନଙ୍କୁ କେନ୍ଦ୍ରକରି ଆଲୋଚନାର ସୀମିତ ସୁଯୋଗରୁ ପ୍ରଚଳିତ 'ଉନ୍ନୟନ' ପ୍ରକ୍ରିୟା ଏବଂ ସେମାନଙ୍କର ଭବିଷ୍ୟତ

ପାଇଁ ଦୂରଦୃଷ୍ଟି ସଂପର୍କରେ ସେମାନଙ୍କର ବ୍ୟକ୍ତ ବିଚାରକୁ ନେଇ ଆମର ଯାହା ହୃଦବୋଧ ହୋଇଛି ତାହା ପଞ୍ଜୀକୃତ କରିବା ପାଇଁ ଆମେ ସମର୍ଥ ହୋଇଛୁ ।

ତେଣୁ ଏହି ବିଷୟଟିର ଅଧ୍ୟୟନକୁ ଡଙ୍ଗରିଆ କନ୍ଧମାନଙ୍କର ବିଚାରର ଅଭିବ୍ୟକ୍ତିର ମୋଟାମୋଟି ଏକ ପ୍ରାଥମିକ ଦୃଷ୍ଟିପାତ ରୂପେ ଗ୍ରହଣ କରିବାକୁ ହେବ, ଯାହାକୁ ଆମ୍ଭେମାନେ ବ୍ୟାଖ୍ୟା କଲୁ । 'ଉନ୍ନୟନ'ର ପ୍ରଚଳିତ ବିଚାରକୁ ନେଇ ଏବଂ ଏକ ଗୋଷ୍ଠୀ ରୂପେ ଏହା ସେମାନଙ୍କ ପାଇଁ କେଉଁ ଅର୍ଥ ପ୍ରକାଶ କରେ, ବାହାରର ବ୍ୟକ୍ତିମାନଙ୍କ ହସ୍ତକ୍ଷେପରେ ସେମାନଙ୍କର କେଉଁ ପ୍ରକାର ବିଚାରର ପ୍ରତିଫଳନ ହୁଏ, ଗୋଷ୍ଠୀ ହିସାବରେ ସେମାନେ ଭାବନ୍ତି କ'ଣ ଉଭୟଟି ସେମାନଙ୍କର ସାମାଜିକ-ସାଂସ୍କୃତିକ, ରାଜନୈତିକଏବଂ ଅର୍ଥନୈତିକ ସ୍ୱୟଂ ସଂପୂର୍ଣ୍ଣତା ତଥା ନିୟମଗିରିର ପ୍ରାକୃତିକ ପରିବେଶ ପ୍ରତି ଆବଶ୍ୟକ ଏବଂ କ୍ଷତିକାରକ ମଧ୍ୟ । ଅତଏବ, ଉକ୍ତ ବିଷୟଟିର ଅଧ୍ୟୟନ କାର୍ଯ୍ୟ ଅଗ୍ରଗତି ପଥରେ ବୋଲି ଗ୍ରହଣ କରିବାକୁ ହେବ ଏବଂ ଏହାକୁ ବୃଦ୍ଧି କରାଯିବ କେବଳ ଯେତେବେଳେ ସୂକ୍ଷ୍ମଭାବରେ ସମୀକ୍ଷା ପାଇଁ, ପ୍ରତିଫଳନ ପାଇଁ ଏବଂ ମାନ ନିର୍ଦ୍ଧାରଣ ପାଇଁ ପୁନରପି ଡଙ୍ଗରିଆ କନ୍ଧଙ୍କ ନିକଟକୁ ନିଆଯିବ ।

## ୨. ନିୟମଗିରି ପର୍ବତମାଳାର ଡଙ୍ଗରିଆ କନ୍ଧ

ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର କେତେକ ଅଂଶରେ ୨୫୦ ବର୍ଗ କିଲୋମିଟର ପରିବ୍ୟାପ୍ତ ନିୟମଗିରି ପର୍ବତମାଳା । ଏହି ଜୈବବିବିଧତାର ଭୂମିରୂପ କର୍ଲାପାଟ ଓ କୋଟଗଡ଼ର ଅଂଶ ବିଶେଷ । ନିଘଞ୍ଚ ପର୍ଣ୍ଣମୋଚୀ ଅରଣ୍ୟ ନାନା କିସମର ଦେଶୀୟ, ବିଷାକ୍ତ ଆଞ୍ଚଳିକ ଉଦ୍ଭିଦ ଓ ଭୟଙ୍କର ଜୀବଜନ୍ତୁଙ୍କ ନିବାସସ୍ଥଳୀ । ଏହା ୨୦୦୪ରେ ଏକ ହାତୀ ସଂରକ୍ଷଣ ଅରଣ୍ୟ ରୂପେ ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷିତ ହୋଇଛି । ବଂଶଧାରା ଓ ନାଗାବଳୀ ଏହି ପର୍ବତମାନଙ୍କରୁ ଉତ୍ପତ୍ତି ହୋଇଛନ୍ତି ।(୧୬)

ଡଙ୍ଗରିଆ କନ୍ଧ ଆଦିବାସୀ ଗୋଷ୍ଠୀ ଅନେକ ବର୍ଷ ଧରି ନିୟମଗିରି ପର୍ବତମାଳାର ଅରଣ୍ୟ ସମ୍ବଳ ଦ୍ୱାରା ପରିପାଳିତ ହୋଇ ଏହି ପ୍ରାକୃତିକ ମନୋରମ ଭୂଖଣ୍ଡର ଅଂଶ ବିଶେଷ ହୋଇଆସିଛନ୍ତି । କନ୍ଧ ଏକ ଆଦିବାସୀ ଗୋଷ୍ଠୀ ଯାହାର ଅନେକ ଉପଗୋଷ୍ଠୀ ଅଛନ୍ତି । ଏମାନେ ଓଡ଼ିଶାର ପାହାଡ଼ିଆ ଅଞ୍ଚଳରେ ଏବଂ ଆନ୍ଧ୍ର ପ୍ରଦେଶର କେତେକ ଅଂଚଳରେ ବାସ କରିଥାନ୍ତି । ଡଙ୍ଗରିଆ, କୁଟିଆ, ଦେଶିଆ ଆଦି ପ୍ରତ୍ୟେକ ଉପଗୋଷ୍ଠୀର ନିଜସ୍ୱ ସ୍ୱତନ୍ତ୍ର ପରିଚୟ ରହିଛି । କୁହାଯାଏ, କନ୍ଧ ନାଁଟି ତେଲୁଗୁ ଶବ୍ଦ 'କୋ' ବା 'କୁ'ରୁ, ବାହାରିଛି ଯାହାର ଅର୍ଥ ପର୍ବତ । ଅତଏବ, 'କନ୍ଧ' ହେଉଛି ପର୍ବତ ନିବାସୀ ।(୧୭) ସେମାନଙ୍କର ନିଜସ୍ୱ ଭାଷା ହେଉଛି 'କୁଇ' ଯାହାର ଲିଖିତ ଲିପି ନାହିଁ । ଶତାବ୍ଦୀ ଶତାବ୍ଦୀ(୧୮) ଧରି ଡଙ୍ଗରିଆ କନ୍ଧମାନେ ନିୟମଗିରି ପର୍ବତମାଳାରେ ବାସ କରିଆସୁଛନ୍ତି । ସେମାନଙ୍କ ବିଶ୍ୱାସରେ ନିୟମରାଜା (ନିୟମର ରାଜା) ହେଉଛନ୍ତି ସର୍ବୋଚ୍ଚ ଦେବତା ଏବଂ ସେ ପୁଣି ସେମାନଙ୍କର ପୂର୍ବପୁରୁଷ । ନିୟମଗିରି ପର୍ବତମାଳା ଏହିପରି ଭାବରେ 'ନିୟମର ପର୍ବତ ଶ୍ରେଣୀ' ନିୟମ ରାଜାଙ୍କ ପବିତ୍ର ନିବାସ, ଯେ ଏହି ପର୍ବତମାଳାରେ ଏହି ନିୟମମାନଙ୍କ ଅନୁକ୍ରମେ ଶାସନ କରନ୍ତି ଏବଂ ଏହାଙ୍କ ସହିତ ଆହୁରି ଅନ୍ୟ ଦେବତାମାନେ ଅଛନ୍ତି ଯେଉଁମାନେ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଜଡ଼ିତ । ନିୟମଗିରି ପର୍ବତମାଳାରେ ରହିଛି ଡଙ୍ଗରିଆ କନ୍ଧଙ୍କର ଆବାସ । ଏମାନେ ସେଠାରେ ବସତି ସ୍ଥାପନ କରିଥିବା ଅନୁସୁଚିତ ଜାତି ଡମ୍ବ ଗୋଷ୍ଠୀ ସହିତ ରହିଥାନ୍ତି ଏବଂ କେତେକ କୁଟିଆ କନ୍ଧ ଏବଂ ଦେଶିଆ କନ୍ଧମାନେ ଲାଂଜିଗଡ଼ର ସମତଳ

ଭୂମିରେ ରହୁଥିବା ଏହି ଗୋଷ୍ଠୀମାନେ ଯେଉଁମାନେ ସେମାନଙ୍କର ଅରଣ୍ୟ ସହିତ ଏବଂ ପର୍ବତ ପାଦ ଦେଶରେ ଥିବା ଉର୍ବର ଜମି ସହିତ ସଂପର୍କ ବୃଦ୍ଧି କରିଛନ୍ତି) ନିୟମଗିରି ପ୍ରାକୃତିକ ଭୂମିର ଅଂଶ ହୋଇ ଆସିଛନ୍ତି । ଡଙ୍ଗରିଆ କନ୍ଧମାନଙ୍କର ପ୍ରଥାଗତ ବୃତ୍ତି ହେଉଛି କୃଷି (ପରିବର୍ତ୍ତିତ କୃଷି/ କୋଡ଼ିରେ ମାଟି ହାଣି ଚାଷ କରିବା ଧାରା)(୧୯) ଏବଂ ଅରଣ୍ୟରୁ ଲଘୁ ଅରଣ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବା ଓ ବିକ୍ରି କରିବା । କୃଷି-ଅରଣ୍ୟ ଉପରେ ନିର୍ଭରଶୀଳ ଜୀବନଧାରା ସେମାନେ ଅନୁସରଣ କରିଥାନ୍ତି, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଜଙ୍ଗଲକୁ ସଫା କରି ଖଣ୍ଡେ ଖଣ୍ଡେ ଭୂମି ପ୍ରସ୍ତୁତ କରିବା ଏବଂ ତହିଁରେ ଚାଷ କରି ବା ମାଂସ ପାଇଁ ଏବଂ ପୂଜା ଉପାସନାରେ ବଳି ପାଇଁ ପଶୁପାଳନ କରିବା ଏବଂ ବଂଚିବା ପାଇଁ ପୁଣି ଔଷଧୀୟ ଉଦ୍ଦେଶ୍ୟରେ(୨୦) ନାନା ରକମର ଲଘୁ ଅରଣ୍ୟ ଜାତ ପଦାର୍ଥ ସଂଗ୍ରହ କରିବା । ଏହିପରି ଏକ ଜଟିଳ କୃଷି-ଅରଣ୍ୟ ଉପରେ ନିର୍ଭରଶୀଳ ସେମାନଙ୍କର ଜୀବନଧାରା ।

## *ଆଂଚଳିକ ଏବଂ ସାମାଜିକ ସଂଗଠନ :*

ଡଙ୍ଗରିଆ କନ୍ଧ ସମାଜର ସଂରଚନା ପର୍ବତମାଳା ଏବଂ ନିୟମ ରାଜାଙ୍କ ଦ୍ୱାରା ସ୍ଥିରୀକୃତ ନିୟମମାନଙ୍କର ପବିତ୍ରତା ସହିତ ନିବିଡ଼ ଭାବେ ସଂଶ୍ଳିଷ୍ଟ । ଡଙ୍ଗରିଆ କନ୍ଧ ଗୋଷ୍ଠୀ ନାନା କୂଳ/ ଗୋତ୍ର ବା କୂଡ଼ା (ଅନ୍ତତଃ ୩୧ଟି କୂଡ଼ା ଏଯାବତ୍ ଚିହ୍ନଟ ହୋଇଛି)କୁ ନେଇ ସଂଗଠିତ ଏବଂ ପ୍ରତ୍ୟେକ କୂଳ ବା ବଂଶର ନିର୍ଦ୍ଦିଷ୍ଟ ପ୍ରଥାଗତ ଅଞ୍ଚଳ ରହିଛି (ସ୍ୱତନ୍ତ୍ର ଭୌଗୋଳିକ- ସାଂସ୍କୃତିକ ପ୍ରାକୃତିକ ଭୂମି) ଯାହା 'ପଦର' ନାମରେ ପରିଚିତ ଯହିଁରେ ସାଧାରଣତଃ ଅନେକ ପାହାଡ଼ ରହିଥାଏ ।(୨୧) ଗୋତ୍ର ଗୁଡ଼ିକ ଅନ୍ୟ ଗୋତ୍ର / କୂଳ ସହ ବୈବାହିକ ସଂପର୍କ ଯୋଡ଼ିଥାନ୍ତି ଏବଂ ପ୍ରତ୍ୟେକଟି ଗୋତ୍ରର ଅଂଚଳରେ ଗୋଟିଏ ପ୍ରଭାବଶାଳୀ ଗୋତ୍ରର ଲୋକଙ୍କ ଗୋଷ୍ଠୀ ବା ଗୋଷ୍ଠୀମାନ ରହିଥାଏ ଯହିଁରେ ଅନ୍ୟ ଗୋଷ୍ଠୀର ଲୋକମାନେ ବୈବାହିକ ଅଥବା ଆତ୍ମିକ ସଂପର୍କ ମାଧ୍ୟମରେ ବହୁ ସମୟ ପୂର୍ବରୁ ଅନ୍ୟ ସ୍ଥାନରୁ ଆସି ଏହି ବଂଶର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଡଙ୍ଗରିଆ କନ୍ଧଙ୍କର ୩୦୦ରୁ ଅଧିକ ବସତି ବା କ୍ଷୁଦ୍ରଗ୍ରାମ ନିୟମଗିରି ପାର୍ବତ୍ୟାଞ୍ଚଳ ଭିତରେ ରହିଛି । ଏହି ବସତିଗୁଡ଼ିକ ସ୍ଥାୟୀ ନୁହେ ଏବଂ ସମୟେ ସମୟେ ଗୋଷ୍ଠୀ ଗୁଡ଼ିକ ସେଗୁଡ଼ିକୁ ନୂଆ ବସତିର ସନ୍ଧାନରେ ଭାଙ୍ଗି ଦିଅନ୍ତି । କିନ୍ତୁ ନୂଆ ବସତିଗୁଡ଼ିକ ସବୁବେଳେ ସେମାନଙ୍କର କୂଳ ପାଇଁ ଅଭିପ୍ରେତ ଅଞ୍ଚଳରେ ହିଁ ଅବସ୍ଥିତ ହୋଇଥାଏ, ସେମାନଙ୍କର କୂଳର ଲୋକଙ୍କ ବସତି ଭିତରେ । ବସତିଟିଏ ସବୁବେଳେ ପ୍ରାୟ ଗଢ଼ି ଉଠିଥାଏ କ୍ରମଶଃ ଗଡ଼ାଣିଆ ଭୂଇଁରେ, ଖରାରେ ଶୁଖା ଯାଇଥିବା ପାରମ୍ପରିକ ଇଟାରେ ତିଆରି ଘରମାନ ସମାନ୍ତରାଳ ଧାଡ଼ିରେ ନିର୍ମିତ ହୋଇଥାଏ । ଘରଗୁଡ଼ିକର ମୂଳଦୁଆ ଏବଂ ଖମ୍ବମାନ କାଠର ଏବଂ ଛାତଗୁଡ଼ିକ ସ୍ଥାନୀୟ ସୁଲଭ ଘାସରେ ଛପର ହୋଇଥାଏ । ଛାତଗୁଡ଼ିକ ନୁଆଁଣିଆ । ଉଭୟ ପଟେ ଭୂଇଁର ନିକଟବର୍ତ୍ତୀ ହୋଇଥାଏ । ଏହି ଅଞ୍ଚଳରେ ଅତ୍ୟଧିକ ବର୍ଷା ହେଉଥିବା କାରଣରୁ ଗଡ଼ାଣିଆ ଚାଳଛପର ଛାତମାନ ପ୍ରବଳ ପବନକୁ ଓ ବର୍ଷାକୁ ଘର ଭିତରେ ପ୍ରବେଶ କରିବାରୁ ପ୍ରତିହତ କରେ ।

ପାରମ୍ପରିକ ଭାବରେ ଡଙ୍ଗରିଆ କନ୍ଧମାନଙ୍କର ସାମାଜିକ-ରାଜନୈତିକ ନିଷ୍ପତ୍ତି ନେଉଥିବା ସଂଗଠନ କୁଟୁମ୍ବ(୨୨) ରୂପେ ପରିଚିତ । ଏହି କୁଟୁମ୍ବ କୂଳ ସ୍ତରରେ କୁଡ଼ କୁଟୁମ୍ବ କାର୍ଯ୍ୟ କରିଥାଏ ଏବଂ ବସତି ସ୍ତରରେ ନାୟୁ କୁଟୁମ୍ବ । ପ୍ରତି କୂଳରେ ଧାର୍ମିକ ଓ ରାଜନୈତି କାର୍ଯ୍ୟାବଳୀ ନିଷ୍ପାଦନ କରିବା ପାଇଁ ଚାରୋଟି କାର୍ଯ୍ୟକାରୀ ଦଳ ବା ପୁଞ୍ଜା ଗଠିତ ହୋଇଥାଏ ଏବଂ ଏଗୁଡ଼ିକ ଜାନୀ, ପୂଜାରୀ, ବିଶମାଝୀ ଏବଂ ମଣ୍ଡଳ । କୁଡ଼ କୁଟୁମ୍ବ ମଠା ମଣ୍ଡଳରେ ସଭାପତିତ୍ୱ କରନ୍ତି ଯାହା ଏକତ୍ର ପାଖା ପାଖିଥିବା ଗ୍ରାମମାନଙ୍କରେ

ନିର୍ଦ୍ଦିଷ୍ଟ କୁଳର କାର୍ଯ୍ୟ ତୁଲାଇଥାଏ ।(୨୩) ଏହା ନିୟନ୍ତ୍ରଣ କରିଥାଏ ଆନ୍ତର୍ଗ୍ରାମ ପ୍ରସଙ୍ଗ ଏବଂ ଆନ୍ତର୍ମାନବ ଗୋଷ୍ଠୀରେ ଭିନ୍ନ ଭିନ୍ନ ଗ୍ରାମରେ ରହୁଥିବା ସେଇ ଏକା କୁଳର କନ୍ଦଳ ତୁଟାଇ ଥାଏ ।

ଜାନି ହେଉଛନ୍ତି ଧାର୍ମିକ ଓ ଧର୍ମ ନିରପେକ୍ଷ ମୁଖ୍ୟ । ସେ ସାଧାରଣତଃ ରାଜନୈତିକ ନିଷ୍ପତ୍ତିମାନଙ୍କୁ ପ୍ରଭାବିତ କରିଥାନ୍ତି । ପୂଜାରୀ ପୂଜା ଉପାସନାଦି ପବିତ୍ର କାର୍ଯ୍ୟ ତଥା ଉତ୍ସବାଦି ପାଳନରେ ଜାନୀଙ୍କୁ ସହଯୋଗ କରିଥାନ୍ତି । ଗ୍ରାମୀଣ ସ୍ତରରେ କୁଟୁମ୍ବ ସାଧାରଣତଃ ବିବାହାଦି, ସଂପତ୍ତି ସଂପର୍କୀୟ ସମସ୍ୟା ଏବଂ ପୋଡୁ ଚାଷ ପାଇଁ ଜମି ବଣ୍ଟନ ଓ ତତ୍‌ଜନିତ କନ୍ଦଳର ନିଷ୍ପତ୍ତି, ସମବାୟ ଶ୍ରମ, ବ୍ୟକ୍ତି ସ୍ତରରେ ପାରସ୍ପରିକ ସଂପର୍କ ଏବଂ ଗ୍ରାମର ଅନ୍ୟ ଆଭ୍ୟନ୍ତରୀଣ ବ୍ୟାପାର ବିଚାର ଆଲୋଚନା କରି ନିଷ୍ପତ୍ତି ନିଅନ୍ତି । ମଣ୍ଡଳ ହେଉଛନ୍ତି ମଠାର ରାଜନୈତିକ ମୁଖ୍ୟ । ବିଶମାଝୀ ମଣ୍ଡଳଙ୍କୁ ରାଜନୈତିକ ବ୍ୟାପାରରେ ସହାୟତା କରିଥାନ୍ତି ଏବଂ ପର୍ବପର୍ବାଣୀମାନଙ୍କରେ ଓ ଅନ୍ୟ ସମୟରେ କୋଷାଧ୍ୟକ୍ଷ ରୂପେ କାର୍ଯ୍ୟ କରିଥାନ୍ତି । ଏହି ପଦବୀମାନଙ୍କ ବ୍ୟତୀତ ପାରମ୍ପରିକ ସମାଜରେ ପୁଣି ଜଣେ ଦିଶାରୀ ବା ପାରମ୍ପରିକ ଚିକିତ୍ସକ/ ବୈଦ୍ୟ ଥାଆନ୍ତି, ଯିଏ ପୁଣି ଜଉତିଷ ଓ ଧାର୍ମିକ ମୁଖ୍ୟ ଏବଂ ବେଜୁଣୀ ଯିଏ ଗୁଣି ଗାରେଡ଼ି ଜାଣିଥିବା ଜଣେ ମହିଳା ପୂଜାରିଣୀ । ପାରମ୍ପରିକ ଭାବରେ, ନିଜେ କୌଣସି ଗମ୍ଭୀର କନ୍ଦଳରେ ଶିକାର ବା ନିକ୍ଷେପିତ ଅଥବା ଅପରାଧିନୀ ହୋଇନଥିଲେ ମହିଳାମାନେ ସାଧାରଣତଃ ଏହି ବୈଠକ ମାନଙ୍କରେ ଉପସ୍ଥିତ ହୁଅନ୍ତି ନାହିଁ । ଗୋଷ୍ଠୀଙ୍କୁ ପ୍ରଭାବିତ କରୁଥିବା ସମସ୍ୟାମାନଙ୍କରେ ନିଷ୍ପତ୍ତି ନେବା ଆଗରୁ କୁଟୁମ୍ବ ଆଲୋଚନା କରନ୍ତି ଏବଂ ଗ୍ରାମର ହିତ ଦୃଷ୍ଟିରୁ ନିଷ୍ପତ୍ତିମାନ ନେଇଥାନ୍ତି । ନିୟମଗିରି ପାର୍ବତ୍ୟାଞ୍ଚଳର ସାମାଜିକ ଓ ରାଜନୈତିକ ଜୀବନରେ ଡମ୍ବମାନେ ଏକ ଅବିଚ୍ଛିନ୍ନ ଅଂଗ ଏବଂ ଡଙ୍ଗରିଆ କନ୍ଧଗୋଷ୍ଠୀ, ଏବଂ ଅନ୍ୟ ଗୋଷ୍ଠୀମାନଙ୍କ ମଧ୍ୟରେ ଏବଂ ସମତଳ ଅଞ୍ଚଳର ବ୍ୟବସାୟୀମାନଙ୍କ ମଧ୍ୟରେ ଯୋଗାଯୋଗ ପ୍ରତିଷ୍ଠାର ବା ବାର୍ତ୍ତାବହନର ମାଧ୍ୟମ ରୂପେ ଏମାନେ ଭାରି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାନ୍ତି । ସେମାନଙ୍କର ଅଧିକ ଜମି ନଥାଏ । ମାତ୍ର ସେମାନେ ପାରମ୍ପରିକ ବାର୍ତ୍ତାବହ ବା ବାରିକ ରୂପେ କାର୍ଯ୍ୟ କରିଥାନ୍ତି । ପାହାଡ଼ୀ ଇଲାକାରେ ସେମାନେ ଅଧିକ ମାତ୍ରାରେ ସଲପ ବ୍ୟବସାୟର ନିୟନ୍ତ୍ରଣ କରିଥାନ୍ତି । ଡଙ୍ଗରିଆ କନ୍ଧମାନଙ୍କର ଅନ୍ୟ ଗୋଷ୍ଠୀମାନଙ୍କ ସହିତ ପ୍ରାୟତଃ ସମସ୍ତ ଅର୍ଥନୈତିକ ଦେଣନେଣ ପାରମ୍ପରିକ ଭାବରେ ଡମ୍ବମାନଙ୍କ ଦ୍ୱାରା ନିୟନ୍ତ୍ରିତ ।

ପାରମ୍ପରିକ ଭାବରେ ନିୟମଗିରି ପର୍ବତମାଳାର କୃଷିକ୍ଷେତ୍ର ଓ ଅରଣ୍ୟ ଡଙ୍ଗରିଆ କନ୍ଧଙ୍କ ପାଇଁ ଶିକ୍ଷାର ଭିତ୍ତିଭୂମି ହୋଇ ଆସିଛି । ଡଙ୍ଗରିଆ କନ୍ଧମାନେ ନିଜ ନିଜ ଗାଁମାନଙ୍କରେ କିଶୋର କିଶୋରୀ ଓ ଯୁବକଯୁବତୀଙ୍କୁ ସାଂସ୍କୃତିକ ଓ ପାରମ୍ପରିକ ମୂଲ୍ୟବୋଧର ଶିକ୍ଷା ଦେବା ପାଇଁ ଗୋଟିଏ ପ୍ରଣ୍ଣାଳୀ ଗ୍ରହଣ କରିଥିଲେ । ଏହି ପ୍ରଣ୍ଣାଳୀଟି ସମଗ୍ର ଭାରତ ବର୍ଷର ଆଦିବାସୀ ଅଞ୍ଚଳରେ ଯୁବବସା (ଧାଙ୍ଗଡ଼ା ଧାଙ୍ଗଡ଼ି ବସା) ମାଧ୍ୟମରେ ପ୍ରଚଳିତ ଅଛି । ଅବିବାହିତ ଯୁବକଯୁବତୀମାନେ ସଂଧ୍ୟା ହେଲେ ଗାଁରୁ ସେମାନଙ୍କର ପିତାମାତାଙ୍କ ଘର ଛାଡ଼ି ଗାଁର ଯୁବବସାରେ ରହନ୍ତି ଯେଉଁଠି ସେମାନେ ବୟସ୍କ ଯୁବକ ଯୁବତୀଙ୍କ ଦ୍ୱାରା ଶିକ୍ଷା ପାଆନ୍ତି, ତଦ୍ଦ୍ୱାରା ଗୋଷ୍ଠୀ ଭିତରେ ଓ ପ୍ରାକୃତିକ ପରିବେଶରେ ଜୀବନର ଦାର୍ଶନିକ ଓ ବ୍ୟାବହାରିକ ଦିଗରୁ ଅନ୍ତର୍ଦୃଷ୍ଟି ଲାଭ କରନ୍ତି । ସେମାନଙ୍କୁ ଶିକ୍ଷା ଦିଆଯାଏ ସଂସ୍କୃତି ବିଷୟରେ, ଅଞ୍ଚଳ ବିଷୟରେ, ବିବାହ, ଅର୍ଥନୀତି ଓ ସମାଜ ବିଷୟରେ । ନିୟମଗିରିରେ ଝିଅଙ୍କ ପାଇଁ ଯୁବବସା ଦାସ୍କାହାଡ଼ା ବା ଧାଙ୍ଗଡ଼ିବସା ନାମରେ ପରିଚିତ ଏବଂ ପୁଅଙ୍କ ପାଇଁ ଯୁବବସା ହେଉଛି ଧାଙ୍ଗଡ଼ାବସା । ନିୟମଗିରି ପାହାଡ଼ ମାନଙ୍କରେ ଏହି ଅନନ୍ୟ ସାଂସ୍କୃତିକ ଅନୁଷ୍ଠାନ କ୍ରମଶଃ ଡଙ୍ଗରିଆ କନ୍ଧଙ୍କ ଆଦୃତି ହରାଇ ହଜିଯାଉଛି କାରଣ

ବହିରାଗତ ଲୋକ ଯେଉଁମାନଙ୍କ ସଂପର୍କରେ ଡଙ୍ଗରିଆ କନ୍ଧ ଆସିଲା ସେମାନେ ଏହି ଅନୁଷ୍ଠାନ ଗୁଡ଼ିକୁ ବନ୍ଦ କରିଦେବା ପାଇଁ ଉଦ୍ୟମ କଲେ ଯେହେତୁ ସେଗୁଡ଼ିକ ନୈତିକ ଦୃଷ୍ଟିରୁ ଆପତ୍ତିଜନକ ବିବେଚିତ ହୋଇଥିଲା ।

## *ରାଜ୍ୟର ଉନ୍ନୟନ କାର୍ଯ୍ୟକ୍ରମ :*

ସ୍ୱାଧୀନ ଭାରତର ସରକାରୀ ନୀତି ଅନେକ ସମୟରେ ଆଦିବାସୀଙ୍କୁ ବିଶେଷ ଭାବରେ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ପ୍ରସ୍ତୁତ କରାଯାଇଥିବା ରାଜ୍ୟର କଲ୍ୟାଣକାରୀ କାର୍ଯ୍ୟକ୍ରମମାନଙ୍କରେ ହିତାଧିକାରୀ ରୂପେ ବିବେଚନା କରିଥାଏ । ଯଦିଚ ଏହା ନିଃସନ୍ଦେହ ଯେ ଏମାନଙ୍କ ମଧ୍ୟରୁ ଅନେକ ଗୋଷ୍ଠୀ ଜମି ଓ ସମ୍ବଳ ହସ୍ତାନ୍ତର, ଋଣଗ୍ରସ୍ତ ହେବା, ଶୋଷଣ, ଅଧିକାର ଚ୍ୟୁତ ହେବା ଏବଂ ଯଥାର୍ଥ ଶିକ୍ଷାର ଅଭାବ ଆଦି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେମାନଙ୍କର ବଂଚିବାରମାନଙ୍କୁ ବୃଦ୍ଧି କରିବା ପାଇଁ ରାଜ୍ୟ ମୁକ୍ତହସ୍ତରେ ସେମାନଙ୍କୁ କେବଳ ବହୁତ ବାଣ୍ଟି ଚାଲିଛି ଏବଂ ତଦ୍ୱାରା ସେମାନଙ୍କୁ ବଜାର ଅର୍ଥ ନୀତି ସହିତ ଜଡ଼ିତ କରି ଅଥବା ଅନ୍ୟ ଭାଷାରେ ସେମାନଙ୍କୁ ମୁଖ୍ୟସ୍ରୋତାଭିମୁଖୀ କରିବା ଦିଗରେ ଉଦ୍ୟମ କରାଯାଉଅଛି ।(୨୫) ଅନ୍ୟପକ୍ଷରେ ଔପନିବେଶିକତା କାରଣରୁ ଏବଂ ଜବରଦସ୍ତ ଜମି ଅଧିଗ୍ରହଣ ହେତୁ ଭାରତରେ କ୍ରମଶଃ ଆଦିବାସୀ ଗୋଷ୍ଠୀଙ୍କର ସଂପତ୍ତି ଉପରେ ଅଧିକାର ହରାଇବା ପ୍ରକ୍ରିୟା ବଢ଼ି ଚାଲିଛି । ସେହି ବଜାର ଅର୍ଥନୀତି କାରଣରୁ ସେମାନଙ୍କ ଅଞ୍ଚଳଗୁଡ଼ିକ ଏବଂ ସମ୍ବଳମାନ ବୃହତ୍ ଉନ୍ନୟନ ପ୍ରକଳ୍ପ ମାନଙ୍କର ଅଧିକାରଭୁକ୍ତ ହୋଇପଡୁଛି । ରାଜ୍ୟର ଉଭୟ ଏହି ପରସ୍ପର ବିପରୀତ ଅସ୍ତ୍ରମାନ ବିପରୀତ ଦିଗରୁ କ୍ରିୟାଶୀଳ ଯେହେତୁ ସେମାନେ ସାଂପ୍ରତିକ ଅର୍ଥନୈତିକ ବିକାଶର ଏବଂ ଜଗତୀକରଣର ଅଙ୍ଗ ବିଶେଷ ରୂପେ ଆଦର୍ଶର ମୂଳଦୁଆ ପକାଇବାକୁ ଚାହୁଁଛନ୍ତି । ଡଙ୍ଗରିଆ କନ୍ଧ ଗୋଷ୍ଠୀ ସହିତ ରାଜ୍ୟର ସଂପର୍କରେ ସେଇ ଏକା ପ୍ରକାରର ଏକ ଧାରା ଆମେ ଲକ୍ଷ୍ୟ କଲୁ ।

## *ପଞ୍ଚାୟତ ବ୍ୟବସ୍ଥା :*

ସ୍ୱାଧୀନତା ପରେ ଓଡ଼ିଶା ରାଜ୍ୟ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ପଞ୍ଚାୟତରାଜ(୨୬) ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ୧୯୬୮ରେ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ କୁର୍ଲି ଠାରେ ପ୍ରଥମ ପଞ୍ଚାୟତ ପ୍ରତିଷ୍ଠିତ ହୋଇଥିଲା । ନିୟମଗିରି ପର୍ବତମାଳାଟିକୁ ରାଜନୈତିକ ଭାବରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ରୂପେ ଦୁଇଖଣ୍ଡ କରି ଦିଆଯାଇଛି । ନିୟମଗିରି ପାହାଡ଼ମାନ ପୁଣି ବିଭକ୍ତ ହୋଇଛନ୍ତି ରାୟଗଡ଼ା ଜିଲ୍ଲାରେ ମୁନିଗୁଡ଼ା, ବିଷମକଟକ ଏବଂ କଲ୍ୟାଣସିଂହପୁର ବ୍ଲକରେ ଏବଂ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକରେ । ଉଭୟ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାମାନ ୫ମ ଅନୁସୂଚିତ ଅଞ୍ଚଳର ଅନ୍ତର୍ଗତ ।(୨୭) ଡଙ୍ଗରିଆ କନ୍ଧ ଗାଁ ଗୁଡ଼ିକ ପଞ୍ଚାୟତରେ ଭାଗ ଭାଗ ହୋଇଛନ୍ତି ଯହିଁରେ ସମତଳ ଅଞ୍ଚଳରୁ ଅଣ ଡଙ୍ଗରିଆ କନ୍ଧ ସଂପ୍ରଦାୟର ଲୋକ ମଧ୍ୟ ଅଛନ୍ତି । ଗରିବ ପରିବାରମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଜିନିଷ ପାଇବା ପାଇଁ ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ଅନେକ ଯୋଜନା, ଇନ୍ଦିରା ଆବାସ ଯୋଜନା (ଏକ ଯୋଜନା ନିମ୍ନ ଆୟ ବିଶିଷ୍ଟ ପରିବାରମାନଙ୍କୁ ଘର ତିଆରି ପାଇଁ ପାଣ୍ଠି ଯୋଗାଇ ଦେବା), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (ଯାହା ଯୋଗାଇ ଦିଏ ୧୦୦ ଦିନର କାର୍ଯ୍ୟ, ସର୍ବନ୍ୟୁନ ମଜୁରୀରେ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ) ଏବଂ କୃଷି ଉନ୍ନୟନ ଯୋଜନା, ରାସ୍ତାଘାଟ ନିର୍ମାଣ, ଜଳ ସଂରକ୍ଷଣ ଏବଂ ଅନ୍ୟାନ୍ୟ ପୂର୍ବ ପରିକଳ୍ପିତ ଯୋଜନା ଭଳି ଅନେକ ଯୋଜନା ଗ୍ରାମ ପଞ୍ଚାୟତ ଜରିଆରେ କାର୍ଯ୍ୟକାରୀ ହୋଇଥାଏ ।

## ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା :

ଡଙ୍ଗରିଆ କନ୍ଧ ଗୋଷ୍ଠୀକୁ ଏକ ନିର୍ଦ୍ଧିଷ୍ଟ ଅସୁରକ୍ଷିତ ଦୁର୍ବଳ ଆଦିବାସୀ ସଂପ୍ରଦାୟ (PVTG) ରୂପେ ବର୍ଗୀକୃତ କରାଯାଏ ।(୨୮) PVTG ମାନ୍ୟତା ସେମାନଙ୍କୁ କେତେକ ସ୍ୱତନ୍ତ୍ର ଜନମଙ୍ଗଳ ଯୋଜନାରେ କିଛି ସୁବିଧା ପାଇବା ପାଇଁ ଅଧିକାର ଦିଏ ଏବଂ ରାଷ୍ଟ୍ର ଉପରେ ଏକ ସ୍ୱତନ୍ତ୍ର ଦାୟିତ୍ୱ ନ୍ୟସ୍ତ କରି ସେମାନଙ୍କର ସ୍ୱାର୍ଥ ସଂରକ୍ଷଣ ପାଇଁ ବାଧିତ କରିଥାଏ । ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ନିୟମଗିରିରେ(୨୯) ଉନ୍ନୟନ କାର୍ଯ୍ୟକ୍ରମମାନ ଚାଲୁ କରିବା ପାଇଁ ୧୯୬୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଆଦିବାସୀ ପରି ଯୋଜନାର(୩୦) ପାଣ୍ଠିରେ ଏହି ସଂସ୍ଥା ଆରମ୍ଭ କରାଯାଇଥିଲା । ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା କାର୍ଯ୍ୟକ୍ରମମାନଙ୍କୁ ସଂପାଦନ କରି ଡଙ୍ଗରିଆ କନ୍ଧମାନଙ୍କର "ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ" କରିବା ।(୩୧) ଏହି ସଂସ୍ଥାର କ୍ଷେତ୍ରୀୟ କାର୍ଯ୍ୟାଳୟମାନ ଥିଲା ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକର ଚାଟିକଣା ଗାଁରେ ଏବଂ କଲ୍ୟାଣସିଂପୁର ବ୍ଲକର ପାର୍‌ସାଲି ଗାଁରେ । ସଂସ୍ଥାର କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ପ୍ରାରମ୍ଭିକ ବର୍ଷମାନଙ୍କରେ ଏହା ବିକାଶ ଘଟାଇଥିଲା ପାହାଡ଼ିଆ ଅଂଚଳରେ ଫଳଚାଷ କ୍ଷେତ୍ରରେ, କ୍ରୟ ବିକ୍ରୟ ପାଇଁ କେତେକ ସୁଲଭ ମୂଲ୍ୟ ଦୋକାନମାନ ପ୍ରତିଷ୍ଠା କରିଥିଲା ଡଙ୍ଗରିଆ କନ୍ଧମାନଙ୍କ ଠାରୁ ସେମାନଙ୍କର ଉତ୍ପାଦକୁ କିଣିବା ଏବଂ ସେମାନଙ୍କର ଦୈନିକ ଚାହିଦା ଥିବା ପଦାର୍ଥମାନ ସେମାନେ କିଣି ପାରିଲା ଭଳି ଦରରେ ବିକ୍ରି କରିବା ପାଇଁ । ଅନେକ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରିଥିଲା ଏବଂ ରାସ୍ତାଘାଟ ନିର୍ମାଣ କରିବା, ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରିବା ଏବଂ ପାରମ୍ପରିକ ବୟନ କୌଶଳକୁ ପୁନର୍ଜୀବିତ କରାଇବା ଭଳି ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରିବାରେ ସମସ୍ତ ରାଜ୍ୟ ସ୍ତରୀୟ ଓ କେନ୍ଦ୍ରୀୟ ଜନମଙ୍ଗଳ ଯୋଜନାମାନଙ୍କୁ ସଂଯୋଜିତ କରିଥିଲା । ବହୁମୁଖୀ କର୍ମୀଙ୍କୁ ନେଇ ଏହାର ଏକ କ୍ଷୁଦ୍ର ଦଳ ଥିଲା ଏବଂ କର୍ମୀ ମାନେ ଯୋଜନା ଅଂଚଳରେ ବିଭିନ୍ନ ଡଙ୍ଗରିଆ କନ୍ଧ ଗାଁମାନଙ୍କରେ ରହୁଥିଲେ ।

ଆଜିର ପରି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (DKDA) ମାତ୍ର ୧୦୧ ଗୋଟି ଡଙ୍ଗରିଆ କନ୍ଧ ଗାଁକୁ ନେଇ ପରିବ୍ୟାପ୍ତ । ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଓ ବିଷମକଟକ ବ୍ଲକର ୬୧ଟି ଗାଁ ଚାଟିକଣା ସଂସ୍ଥାର ପରିସର ଭୁକ୍ତ ହୋଇଥିବା ବେଳେ କଲ୍ୟାଣସିଂପୁର ବ୍ଲକର ପାର୍ସାଲି ସଂସ୍ଥା ପରିସରରେ ୪୦ଟି ଗାଁ ରହିଛି । ସରକାରୀ ଭାବରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (DKDA) ଦର୍ଶାଇଥାଏ ଯେ କଳାହାଣ୍ଡି ଜିଲ୍ଲାରେ କୌଣସି ଡଙ୍ଗରିଆ କନ୍ଧ ଗାଁ ନାହିଁ । (୩୨) ଏହି ସଂସ୍ଥା ଅଣୁଯୋଜନା (Micro Plan) ପ୍ରସ୍ତୁତ କରିଥାଏ (ଏକ ପାଞ୍ଚ ବର୍ଷିଆ ଯୋଜନା) ଏବଂ ତଦନୁଯାୟୀ ଯୋଜନା ପରିସରରେ ଗାଁମାନଙ୍କରେ ଉନ୍ନୟନ କ୍ରିୟାକଳାପ ଅନୁସୃତ ହୋଇଥାଏ । ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ଗୁରୁତ୍ୱ ଦେଇଥାନ୍ତି ଯେ ଆଗାମୀ ବର୍ଷ ପାଇଁ ଯେଉଁ କାର୍ଯ୍ୟମାନ ନିଆଯିବ, ସେଗୁଡ଼ିକ ପଲ୍ଲୀସଭାରେ(୩୩) (ଗ୍ରାମମାନଙ୍କର ସଭା) ସ୍ଥିର ହୋଇଥିବାକୁ ପଡ଼ିବ । ଏହାପରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (DKDA) ବାସ୍ତବ କ୍ଷେତ୍ରରେ କ୍ରିୟାକଳାପ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟର ବିଭିନ୍ନ ବିଭାଗ ସହିତ ସଂଯୋଗ ସ୍ଥାପନ କରିଥାଏ ।

ସଂପ୍ରତି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସପୁରୀଚାରା, କମଳା, ହଳଦୀ ଓ ଅଦା ଚାରା ଯୋଗାଇ ବ୍ୟାପକ ଭାବରେ ଉଦ୍ୟାନକୃଷି ସଂପ୍ରସାରଣରେ କାର୍ଯ୍ୟ କରୁଛି । ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ଗୁରୁତ୍ୱ ଦେଇଥିଲେ ଯେ ବିଷମକଟକ ବ୍ଲକରେ ଅଧିକାଂଶ ଡଙ୍ଗରିଆ କନ୍ଧ ଗାଁ ପୋଡୁ ଚାଷରୁ ବିରତ ହୋଇ ଉଦ୍ୟାନ କୃଷି କରି ଫଳଗଛ ଲଗାଇବା ସଂସ୍ଥାର ଏକ ସଫଳତା ଥିଲା ।

ଡଙ୍ଗରିଆ ଉନ୍ନୟନ ସଂସ୍ଥା ମହିଳାମାନଙ୍କ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ, ଯେଉଁମାନେ ମୁଖ୍ୟତଃ ନିଯୁକ୍ତ ଅଛନ୍ତି ପାହାଡ଼ିଆ ଝାଡୁ ପ୍ରସ୍ତୁତିରେ ଏବଂ ଶିଆଳିପତ୍ର, ଇତ୍ୟାଦି ଅଣ-କାଠଗଣ୍ଡି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟରେ ଲାଗିଛନ୍ତି, ସେମାନଙ୍କୁ ଏହି ଉଦ୍ୟମ ପାଇଁ ରିହାତି ହାରରେ ଋଣ ଦେବା ମାଧ୍ୟମରେ ଆର୍ଥିକ ସହଯୋଗ କରି ଏବଂ ସେମାନଙ୍କୁ ବଜାର ସହିତ ସଂଯୋଜିତ କରି ମଧ୍ୟ ସାହାଯ୍ୟ ଯୋଗାଇ ଥାଏ । ଓଡ଼ିଶାର ଆଦିବାସୀ ଉନ୍ନୟନ ସମବାୟ ନିଗମ ଜରିଆରେ ଏହି ସଂସ୍ଥା ପାରମ୍ପରିକ ଶାଲ ବୁଣେଇ ଭଳି ତାଲିମ କ୍ରିୟାକଳାପ ଗ୍ରହଣ କରିଥାଏ ।

ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରାରମ୍ଭିକ ବର୍ଷ ମାନଙ୍କରେ ପ୍ରାଥମିକ ସ୍ତରର ବିଦ୍ୟାଳୟମାନ ପାହାଡ଼ ଅଞ୍ଚଳରେ ମୁଷ୍ଟିମେୟ କେତୋଟି ଡଙ୍ଗରିଆ କନ୍ଧ ଗାଁରେ ଆରମ୍ଭ କରିଥିଲା । ରାୟଗଡ଼ାର ଜିଲ୍ଲାପାଳଙ୍କ ଅନୁଯାୟୀ ଏହି ବିଦ୍ୟାଳୟ ଗୁଡ଼ିକ ଭିତରୁ ୨୮ଟି ଅଦ୍ୟାବଧି ଚାଲିଛି ଯହିଁରେ ୮୦୦ରୁ ଅଧିକ ପିଲା ନାମ ଲେଖାଇଛନ୍ତି ।(୩୪) ଉଭୟ ଚାଟିକଣା ଓ ପାର୍ସାଲିରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଡଙ୍ଗରିଆ କନ୍ଧ ଝିଅମାନଙ୍କ ପାଇଁ ଓଡ଼ିଶା ଆଦର୍ଶ ଆଦିବାସୀ ଶିକ୍ଷା ସଂଗଠନ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟମାନଙ୍କୁ ପାଣ୍ଠି ଯୋଗାଇ ଦେଇଛି । ଏହି ବିଦ୍ୟାଳୟଗୁଡ଼ିକ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଯୋଗାଇ ଥାନ୍ତି ଏବଂ ପ୍ରତି ବିଦ୍ୟାଳୟରେ ପ୍ରାୟ ୨୫୦ ଜଣ ଲେଖାଏଁ ଝିଅ ନାମ ଲେଖାଇଛନ୍ତି । ଅନୁରୂପ ଆବାସିକ ବିଦ୍ୟାଳୟ ପୁଅଙ୍କ ପାଇଁ ଖୋଲିବା ସକାଶେ ପ୍ରସ୍ତାବ ଅନୁମୋଦିତ ହୋଇଛି ।(୩୫)

ଏତଦ୍ ବ୍ୟତୀତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଏବଂ ଅନ୍ୟ ବିଭାଗମାନେ ମଧ୍ୟ କେତେକ ଗାଁରେ ନିୟମିତ ସ୍ୱାସ୍ଥ୍ୟ ଶିବିରମାନଙ୍କର ଆୟୋଜନ କରାଯାଉଥିବା ଦାବି କରିଥାନ୍ତି ।

## *ଖଣି ପ୍ରସ୍ତାବ :*

୧୯୯୭ ମସିହାରେ, ଓଡ଼ିଶା ରାଜ୍ୟ ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ୍ (Starlite Industries) ଏବେ ସେଷା ଷ୍ଟେରଲାଇଟିସ (Sesa Starlite), (the Indian Aron of Globalising behemoth Vedanta corporation) (ବିଶ୍ୱ ଖଣି ର ଭାରତୀୟ ଶାଖା, ବେଦାନ୍ତ ନିଗମ) କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଠାରେ ଏକ ଆଲ୍ୟୁମିନିୟମ ବିଶୋଧନ ଶିଳ୍ପ ସ୍ଥାପନ କରିବା ପାଇଁ ଏବଂ ବିଶୋଧନ ଶିଳ୍ପକୁ ବକ୍ସାଇଟ୍ ଯୋଗାଇବା(୩୬) ପାଇଁ ନିୟମଗିରି ପର୍ବତଗୁଡ଼ିକୁ ଖଣିଜ ଉତ୍ତୋଳନ ପାଇଁ ଖୋଲିଦେବା ସକାଶେ ଏକ ଦ୍ୱିପାକ୍ଷିକ ବୁଝାମଣା ଚୁକ୍ତିପତ୍ରରେ (Memorandum of Understanding - MOU) ସ୍ୱାକ୍ଷର କରିଥିଲା । ୨୦୦୨ ସୁଦ୍ଧା ବିଶୋଧନାଗାର ପାଇଁ ପ୍ରଥମ ପର୍ଯ୍ୟାୟର ଜମି ଅଧିଗ୍ରହଣ ଆରମ୍ଭ ହୋଇଯାଇଥିଲା ଏବଂ ୨୦୦୬ ମସିହାର ମଧ୍ୟ ଭାଗରେ ବିଶୋଧନାଗାର କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଏହି କାରଖାନାକୁ ସଂଗେ ସଂଗେ ବିରୋଧ ମଧ୍ୟ ଆରମ୍ଭ ହୋଇଗଲା । ଏହା ସତ୍ତ୍ୱେ, ଏହି ବିଶୋଧନାଗାର ବି ଭିନ୍ନ ପରିବେଶ ସଂପର୍କୀୟ ଆଇନ ତଥା ଏହି ଗୋଷ୍ଠୀମାନଙ୍କର ସୁରକ୍ଷା ପାଇଁ(୩୭) ଥିବା ଆଇନମାନଙ୍କୁ ଫାଙ୍କି ଦେଇ ବେନିୟମ ଭାବେ ନିର୍ମିତ ହୋଇଗଲା । ତତ୍ ସଙ୍ଗେ ସଙ୍ଗେ ଅନେକ ସକ୍ରୀୟ ସ୍ୱେଚ୍ଛାସେବୀ ସଂଘର୍ଷ ଚାଲୁ ରଖିଲେ, ଉଚ୍ଚନ୍ୟାୟାଳୟ ଏବଂ ଉଚ୍ଚତମ ନ୍ୟାୟାଳୟ ନିକଟରେ ଲିଖିତ ଏହି ପ୍ରକଳ୍ପ ବିରୁଦ୍ଧରେ ରିଟ୍ ପ୍ରାର୍ଥନାପତ୍ର ଦାଖଲ କଲେ, ଯାହା ଖଣି ସକାଶେ ଆବଶ୍ୟକ ହେଉଥିବା ଜଙ୍ଗଲ ସଫା କରିବା ପ୍ରକ୍ରିୟାକୁ ଅଟକାଇ ଦେବାରେ ଏକ ଭୂମିକା ଗ୍ରହଣ କରିଥିଲା ।(୩୮)

## ନିୟମଗିରି ସୁରକ୍ଷା ସମିତି

ଯେହେତୁ ଭୂମ୍ୟଧିଗ୍ରହଣ ବିଶୋଧନାଗାର ସକାଶେ ସର୍ବୋଚ୍ଚ ଶିଖରରେ ପହଞ୍ଚିଗଲା ଏବଂ ଏହି ଜମି ଅଧିଗ୍ରହଣ ବିରୋଧରେ ସଂଗ୍ରାମ ଚାଲୁ ରହିଲା, କେତେକ ଶିକ୍ଷିତ ଡଙ୍ଗରିଆ କନ୍ଧ ଯୁବକ ଏବଂ ସ୍ଥାନୀୟ ବିଧାନସଭା ସଦସ୍ୟ ଡଙ୍ଗରିଆ କନ୍ଧ ଗୋଷ୍ଠୀଙ୍କୁ ସମବେତ କରାଇ ନିୟମଗିରି ପାର୍ବତ୍ୟାଞ୍ଚଳରେ ଆସନ୍ନ ଖଣି ଉତ୍ତୋଳନ ବିରୋଧରେ ପ୍ରବର୍ତ୍ତାଇବା ଆରମ୍ଭ କରିଥିଲେ । ଯାହାହେଉ, ଅନେକ ସମୟରେ ଅନେକ ଜନ ଆନ୍ଦୋଳନ କ୍ଷେତ୍ରରେ ହେଲାଭଳି ସମଗ୍ର VALର କଳ ବିଭିନ୍ନ ପନ୍ଥାର ସନ୍ଧାନରେ ଲାଗିଥିଲା ଆନ୍ଦୋଳନକୁ ଭାଙ୍ଗି ଦେବା ପାଇଁ କିଛି ଡଙ୍ଗରିଆ କନ୍ଧ ପିଲାଙ୍କୁ ଆନ୍ଦୋଳନରୁ କିଣି ନେବାରେ ଏହା ସଫଳ ହୋଇଥିଲା । ଏହି କାରଣରୁ ଆନ୍ଦୋଳନରେ ମନୋବଳ ପ୍ରାୟ ଭାଙ୍ଗି ଯାଇଥିଲା ।

ନିୟମଗିରି ସୁରକ୍ଷା ସମିତିର ମୂଳ ରହିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସୀୟ-ଲେନିନୀୟ) ଲୋକ ସଂଗ୍ରାମ ମଂଚ ରୂପେ ନାମିତ ନୂଆ ଗଣତନ୍ତ୍ର ନେତୃତ୍ୱରେ ଲୋକଙ୍କ ସଂଗଠନରେ । ଗତ ୧୯୬୦ର ଶେଷ ଓ ୧୯୭୦ର ଆରମ୍ଭ ବେଳକୁ ଲୋକ ସଂଗ୍ରାମ ମଂଚ ପାହାଡ଼ ପାଦ ଦେଶରେ ଆଦିବାସୀ ଗ୍ରାମବାସୀଙ୍କୁ ଜମି ଉପରେ ଅଧିକାର ପାଇଁ ଓଡ଼ିଶାର ଏହି ଅଞ୍ଚଳରେ ସଂଗ୍ରାମ ସକାଶେ ସଂଗଠିତ କରିଥିଲା । ଲୋକ ସଂଗ୍ରାମ ମଂଚର ଏକ ଉତ୍ତମ ପ୍ରତିଷ୍ଠିତ ନେଟ୍‌ୱାର୍କ ଅଛି ପାହାଡ଼ମାନଙ୍କର ପାଦ ଦେଶରେ ଲୋକଙ୍କର ମନୋନୀତ ପ୍ରତିନିଧିମାନଙ୍କୁ ନେଇ । ଏହା ଗ୍ରାମ ସ୍ତରରେ, ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ, ଲୋକଙ୍କ ପାଖକୁ ଯାଇ ଲୋକଙ୍କୁ ବିଭିନ୍ନ ସମସ୍ୟାକୁ ନେଇ, ଜାଗରଣ ସୃଷ୍ଟି କରୁଅଛି । ୨୦୦୨ ସୁଦ୍ଧା ଏହି ପ୍ରତିନିଧି ମଧ୍ୟରୁ କେତେଜଣ ନିୟମଗିରି ପାହାଡ଼ ଅଞ୍ଚଳକୁ ଗଲେ ଡଙ୍ଗରିଆ କନ୍ଧମାନଙ୍କୁ ସାହାଯ୍ୟ କରିବା ପାଇଁ, ପୁଣି ଆନ୍ଦୋଳନକୁ ଉଜ୍ଜୀବିତ କରିବା ପାଇଁ । ଏପରି ଭାବରେ ଅନେକ ଗୁଡ଼ିଏ ଗାଆଁ ବର୍ତ୍ତମାନ ନିୟମଗିରି ସୁରକ୍ଷା ସମିତିର ଧ୍ୱଜା ତଳେ ଏକତ୍ର ହୋଇଛନ୍ତି ।

ଆଜି ନିୟମଗିରି ସୁରକ୍ଷା ସମିତି ରାଜ୍ୟ ସରକାର ଓ କଂପାନୀର ଉଦ୍ୟମ ବିରୁଦ୍ଧରେ ସଂଗ୍ରାମ ଅବ୍ୟାହତ ରଖିଛି । ଯେତେବେଳେ ନିୟମଗିରି ସୁରକ୍ଷା ସମିତି (NSS) ଗଠିତ ହେଲା, ଉଦ୍ଦେଶ୍ୟ ଥିଲା ପ୍ରକଳ୍ପକୁ ବିରୋଧ କରିବା ଏବଂ ନିୟମଗିରିର ଜଙ୍ଗଲ, ଜଳ ଓ ଜମି ଉପରେ ସ୍ଥାନୀୟ ଲୋକଙ୍କର ଅଧିକାର ସାବ୍ୟସ୍ତ କରିବା । ଏବେ ଲକ୍ଷ୍ୟ ଧୀରେ ଧୀରେ ବ୍ୟାପକ ହେଉଛି ଡଙ୍ଗରିଆ କନ୍ଧମାନଙ୍କର ଜମି, ସଂସ୍କୃତି, ଜୀବିକା ଏବଂ ଜୀବନଯାପନର ପନ୍ଥା ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ନିର୍ଣ୍ଣୟ କରିବା ପାଇଁ ।

ବିଶୋଧନାଗାର ଓ ଖଣି ବିରୁଦ୍ଧରେ ସଂଗ୍ରାମର ପରିଣତି ସ୍ୱରୂପ ସର୍ବୋଚ୍ଚ ନ୍ୟାୟାଳୟ ଅପ୍ରିଲ ୨୦୧୩ ମସିହାରେ ନିଷ୍ପତ୍ତି(୩୯) କ୍ରମେ ଓଡ଼ିଶା ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ନିୟମଗିରି ପର୍ବତମାନଙ୍କରେ ଗ୍ରାମସଭା କରି ନିଷ୍ପତ୍ତି ଗ୍ରହଣ କରିବାକୁ ଯେ ଏହି ଜଙ୍ଗଲ ଅଞ୍ଚଳ ଖଣି ପ୍ରକଳ୍ପ ପାଇଁ ପରିବର୍ତ୍ତନ କରାଯାଉଥିବା ଯୋଗୁଁ ଲୋକଙ୍କର ଧର୍ମ ସଂପର୍କୀୟ ଅଧିକାର ବାଧା ପ୍ରାପ୍ତ ହେଉଛି କି ? ରାଜ୍ୟ ସରକାର ରାୟଗଡ଼ା ଓ କଳାହାଣ୍ଡିରୁ ୧୨ଟି ଗାଁକୁ ଚିହ୍ନଟ କରିଛନ୍ତି ଏବଂ ସମସ୍ତ ୧୨ଟି ଗ୍ରାମ ଜୁଲାଇ ଓ ଅଗଷ୍ଟ ୨୦୧୩ରେ ଅନୁଷ୍ଠିତ ଗ୍ରାମସଭାମାନଙ୍କରେ ଖଣି ଅଞ୍ଚଳରେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ୨୦୧୪

ମସିହାର ଜାନୁଆରୀ ୯ ତାରିଖ ଦିନ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଖଣି ଖନନ ପ୍ରକଳ୍ପକୁ ବନ ବିଭାଗ ଦେଇଥିବା ସର୍ବଶେଷ ଅନୁମତିକୁ ପ୍ରତ୍ୟାଖ୍ୟାନ କରିଦେଲେ ।(୪୦)

ଏପରିକି ଏହି ଘୋଷଣା ପରେ ରାଜ୍ୟସରକାରଙ୍କ ଦ୍ୱାରା ପୁନଃ ପୁନଃ ପ୍ରୟାସ କରାଯାଇଛି ପ୍ରସ୍ତାବକୁ ପୁଣି ଉପସ୍ଥାପନ କରିବା ପାଇଁ ଏବଂ ଏହି ଅଞ୍ଚଳରେ ଖଣିଖନନ ଆରମ୍ଭ କରିବା ପାଇଁ । ଏହି ନିକଟରେ ରାଜ୍ୟ ଖଣି ନିଗମ ସର୍ବୋଚ୍ଚ ନ୍ୟାୟାଳୟରେ ଖଣି ଖନନ ପ୍ରକ୍ରିୟା ପୁଣି ଆରମ୍ଭ କରିବା ପାଇଁ ଏକ ନିବେଦନ ପତ୍ର ଦାଖଲ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ଏହାକୁ ଗ୍ରହଣ କରିବା ପାଇଁ ଏବଂ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ୧୨ଟି ଗ୍ରାମସଭା କରିବା ପାଇଁ ଯେଉଁଗୁଡ଼ିକ ପୂର୍ବରୁ ଅଭିଯୋଗ ପତ୍ରରେ ଖଣିଖନନକୁ ଓ ପକ୍ଷମାନଙ୍କୁ ଅଗ୍ରାହ୍ୟ କରିଦେଇଥିଲା ।

## *ଡଙ୍ଗରିଆ କନ୍ଧମାନଙ୍କର ସ୍ପଷ୍ଟ ଅଭିବ୍ୟକ୍ତି ଓ ପ୍ରତିକ୍ରିୟା :*

ଯଦିଚ ଡଙ୍ଗରିଆ କନ୍ଧଙ୍କ ଜୀବନଶୈଳୀରେ ବହିର୍ଜଗତ ସହିତ ବୃଦ୍ଧି ପାଉଥିବା ପ୍ରତିକ୍ରିୟା ଜନିତ ପରିବର୍ତ୍ତନ ସବୁବେଳେ ଘଟି ଆସିଛି, ବଜାର ଅର୍ଥନୀତି ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ମାଧ୍ୟମରେ ସରକାରଙ୍କ ପ୍ରାୟୋଜିତ ହସ୍ତକ୍ଷେପ ଏକ ଖନନ ଶିଳ୍ପର ଆକ୍ରମଣାତ୍ମକ ଭୟ ଡଙ୍ଗରିଆ କନ୍ଧ ଜଗତରେ ଏକ କଠୋର ପରିବର୍ତ୍ତନ ଆଣିଦେଇଛି । ଡଙ୍ଗରିଆ କନ୍ଧଙ୍କ ସହିତ ଆଲୋଚନା ଓ କଥୋପକଥନ ମାଧ୍ୟମରେ ସେମାନଙ୍କ ପରିବର୍ତ୍ତନଶୀଳ ସମାଜ, ସଂସ୍କୃତି ଓ ସେମାନଙ୍କର ପ୍ରାକୃତିକ ପରିବେଶକୁ ସଠିକ୍ ହୃଦୟଙ୍ଗମ କରିପାରିଥିବା, ସେମାନେ ଆବିଷ୍କାର କରିଛନ୍ତି । ସେମାନେ ଆହୁରି ସ୍ୱୀକାର କରିଛନ୍ତି ଯେ ସେମାନେ କଂପାନୀକୁ VAL ରୂପରେ ଏ ପର୍ଯ୍ୟନ୍ତ ଦୂରେଇ ରଖିବାରେ ସଫଳ ହୋଇଥିବା ସ୍ଥଳେ ନିୟମଗିରି ପର୍ବତମାଳାରେ ଖଣି ଖନନ ଠାରୁ, ଆହୁରି ଅନ୍ୟ ଶକ୍ତି ସବୁ ରହିଛନ୍ତି, ଯେଉଁଗୁଡ଼ିକ ସେମାନେ କଂପାନୀର ଅନୁରୂପ ବୋଲି ଚିହ୍ନଟ କରନ୍ତି । ସେଗୁଡ଼ିକ ସେମାନଙ୍କର ଜୀବନ ଶୈଳୀକୁ ଦ୍ରୁତବେଗରେ ପରିବର୍ତ୍ତନ କରି ଦେଉଛନ୍ତି । ଆମ୍ଭେମାନେ ଏହି ପରିବର୍ତ୍ତନ ଗୁଡ଼ିକୁ ଏବଂ ଡଙ୍ଗରିଆ କନ୍ଧ ସମାଜ, ସଂସ୍କୃତି ଏବଂ ପ୍ରାକୃତିକ ଓ ଆଧ୍ୟାତ୍ମିକ ପରିବେଶ ସହିତ ସେମାନଙ୍କର କ୍ରିୟାପ୍ରତିକ୍ରିୟା ଉପରେ ସେଗୁଡ଼ିକର ପ୍ରଭାବଗୁଡ଼ିକକୁ ସ୍ପଷ୍ଟ କରିଦେବା ପାଇଁ ପ୍ରୟାସ କରିଅଛୁ ।

## *ପ୍ରକୃତି, ସଂସ୍କୃତି ଓ ପରିଚିତି (ଅସ୍ମିତା) :*

ନିୟମରାଜା ପର୍ବତମାନଙ୍କରେ ଫଳ ସମତଳ ମାନଙ୍କରେ ଶସ୍ୟ ସୃଷ୍ଟି କଲେ । ସେ ହେଉଛନ୍ତି ଡଙ୍ଗରିଆ କନ୍ଧମାନଙ୍କ ମଧ୍ୟରେ ପ୍ରଥମ ମଣିଷ । କେହି ତାଙ୍କ କଥା ଜାଣନ୍ତି ନାହିଁ, ଲକ୍ଷ ଲକ୍ଷ ଲୋକଙ୍କ ଅଜଣା ଏ କଥା । ମୁଁ ଗୀତ ଗାଇବି, ମୁଁ ଗୀତ ଗାଇବି, କାହିଁକି ବାହାରରେ ଲୋକେ ଆମର ଭୂମିରେ ସପୁରୀ, ଆମ୍ବ, ପଣସ ଓ ଶସ୍ୟ ତିଆରି କରିସାରିଲା ପରେ, ନିଶ୍ଚୟ ଛାଡ଼ିଦେବେ ।

ନିୟମରାଜା ଆମକୁ କହିଲେ, "ମୁଁ ଯାହା ତୁମକୁ ଦେଇଅଛି ତାକୁ ଖାଇ ତୁମ୍ଭେମାନେ ବଞ୍ଚ ।" ନିୟମରାଜା ସ୍ଥିର କଲେ କେଉଁଠାରେ ଫଳ ହେବ ଏବଂ ଶସ୍ୟ ହେବ । କେଉଁ ମଂଜି କୋମଳ ହେବ ଏବଂ କେଉଁ ମଂଜି କଠିନ ହେବ, ଆମେ କ'ଣ କରିବା ଫଳ, ଶସ୍ୟ ଏବଂ ମଇଁଷି ବିନା ? ଆମେ କ'ଣ କରିବା ନିୟମରାଜାର ଅଭାବରେ ? ପ୍ରାଣୀମାନେ କ'ଣ କରିବେ ବିଶାଳ ଅରଣ୍ୟର ଅଭାବରେ ? ଜୀବନ ରଖୁଥିବା ଗଛପତ୍ର ଅଭାବରେ ଆମେ କ'ଣ କରିବା ?

ସ୍ୱର୍ଗୀୟ ଡମ୍ବୁ ପ୍ରାସ୍କାଙ୍କ ଦ୍ୱାରା ଗାନ କରାଯାଇଥିବା ନିୟମଗିରିର ବିଷାଦୋକ୍ତିରୁ । 4

(ଉତ୍ସ : http://www.cultureunplugged.com/play57/thelement of Niyamraj)

ସମସ୍ତ ଡଙ୍ଗରିଆ କନ୍ଧ ଯେଉଁମାନଙ୍କ ସହ ଆମେ କଥାବାର୍ତ୍ତା କଲୁ ସେମାନେ ସେମାନଙ୍କ କଥାକୁ ଦୃଢ଼କରିବା ପାଇଁ ବାରମ୍ବାର କହିଲେ ଯେ ତାଙ୍କର ବିଶ୍ୱରେ ଯେତେ ଯାହା ସବୁ ଅଛି, ସବୁ ନିୟମରାଜାଙ୍କର ଏବଂ ନିୟମରାଜା ହେଉଛନ୍ତି ସବୁ କିଛି । ବର୍ଷ ବର୍ଷର ସଂଘର୍ଷ ଭିତରେ ନିୟମଗିରି ପର୍ବତମାଳା ସହ ସେମାନଙ୍କର ପାରସ୍ପରିକ ନିର୍ଭରଶୀଳତାକୁ ସେମାନେ ସ୍ପଷ୍ଟ ଭାବେ କହିଆସୁଛନ୍ତି । ନାନା ବିବରଣୀ ଦର୍ଶାଇ ଥାନ୍ତି ଯେ ସେମାନେ ସେମାନଙ୍କର ଜୀବନ ଧାରଣ ପନ୍ଥା ନିୟମରାଜାଙ୍କ ଦ୍ୱାରା ନିର୍ଦ୍ଧାରିତ ପବିତ୍ର ନିୟମ ସହ ଜଡ଼ିତ ଯାହା ଅରଣ୍ୟକୁ ମାତ୍ରାଧିକ ଶୋଷଣ ଏବଂ ଜମିକୁ ଲୋଭର କବଳିତ ହେବାକୁ ଅନୁମତି ଦିଏ ନାହିଁ । ସେମାନଙ୍କର ଅର୍ଥନୀତିକୁ ପାଡ଼େଲ, 'ନିୟନ୍ତ୍ରିତ ଅର୍ଥନୀତି' (economy of restraint) କହିଥାନ୍ତି ।(୪୧)

ସେମାନେ ନିୟମରାଜାଙ୍କୁ ଦାତା ଓ ଅରଣ୍ୟର ରକ୍ଷାକର୍ତ୍ତା ରୂପେ ଦର୍ଶାଇଥାନ୍ତି । ନିୟମରାଜାଙ୍କ ସହିତ ସର୍ବାଧିକ ପ୍ରାଧାନ୍ୟ ପ୍ରାପ୍ତ ଦେବତା ହେଉଛନ୍ତି 'ଧରଣୀ ପେନୁ' (ଭୂମି ଦେବୀ) । ପ୍ରାଥମିକ ବୃତ୍ତି ହେଉଛି ପୋଡୁଚାଷ ଏବଂ ସମୁଦାୟ ବୁଣିବା ଠାରୁ ଅମଳ କରିବା ଯାଏ କୃଷି ଚକ୍ର ନିୟନ୍ତ୍ରିତ ହୋଇଥାଏ ଧରଣୀପେନୁଙ୍କ ଦ୍ୱାରା ଯାହାଙ୍କୁ ଚାଷ ଋତୁର ଆରମ୍ଭରେ ଏବଂ ଶେଷରେ ସମ୍ମାନ ପ୍ରଦର୍ଶନ କରିବାକୁ ହୁଏ । ପ୍ରାକୃତିକ ଉପାଦାନ ଜଳ, ଶିଳା, ପ୍ରସ୍ତର, ପ୍ରାଣୀ ସମସ୍ତଙ୍କର ଗୋଟିଏ ଗୋଟିଏ ଆତ୍ମା ଅଛି ବୋଲି ବିଚାର କରାଯାଏ, ଯାହାଙ୍କୁ ସମ୍ମାନ ଦିଆଯାଇଥାଏ । ଏପରି ଭାବରେ ଏକାଧିକ ଈଶ୍ୱର ବିଶ୍ୱାସ, ପ୍ରାଣୀବାଦରେ ବିଶ୍ୱାସ ପ୍ରକୃତିର ଅବସ୍ଥା ଓ ଛନ୍ଦର ସମୀପବର୍ତ୍ତିତା ଦ୍ୱାରା ପ୍ରଣୋଦିତ ହୋଇଥାଏ, ପ୍ରାକୃତିକ ଶକ୍ତି ଗୁଡ଼ିକ ପ୍ରତି ସମ୍ମାନ ଓ ସେଗୁଡ଼ିକ ସହ ସହଯୋଗ ଭାବ ଜନ୍ମାଇ ଥାଏ । ଏହା ପ୍ରତିଫଳିତ ହୋଇଥାଏ ଏହି ଗୋଷ୍ଠୀର ଅଭ୍ୟସ୍ତ ଜୀବନଯାପନ ପନ୍ଥାରେ ଏବଂ ସେମାନଙ୍କର ସାମାଜିକ-ସାଂସ୍କୃତିକ ସଂପର୍କ ଭିତରେ । ନିୟମରାଜାଙ୍କ ପବିତ୍ର ନିବାସ ସ୍ଥଳୀ ନିୟମଗିରି ପର୍ବତ ସମୂହ ଏହିପରି ସମଗ୍ର ଭାବରେ ପବିତ୍ର ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟା, ନିବାସସ୍ଥଳୀ ଏବଂ ଜୀବନ ଧାରଣର ଉପାୟ ନିୟମଗିରିର ପବିତ୍ର ଜୀବନଦାୟୀ ଶକ୍ତି ସହିତ ଗଭୀର ଭାବରେ ଅଙ୍ଗାଙ୍ଗୀ ଜଡ଼ିତ ।

୧୦ ବା ତଦୂର୍ଦ୍ଧ ବର୍ଷ ପରେ, ଆଜି ଆମେ ଯେଭଳି ଅଛୁ ତାହା ମୁଁ ଦେଖୁଛି । ଆମେ ପରିବର୍ତ୍ତନ ଚାହୁଁନାହିଁ । ସବୁ ହରାଇବାକୁ ପଡ଼ିବ- ଆମ ସଂସ୍କୃତି, ଆମର ଭାଷା ଏହା ହିଁ ପରିବର୍ତ୍ତନର ଅର୍ଥ ହେବ । କେହି କେହି ପଢ଼ିବା ପାଇଁ ଆଗଭର ହେଉଛନ୍ତି । ମାତ୍ର ଯେତେବେଳେ ଫେରନ୍ତି, ସେମାନେ ସବୁ ହରାଇଥାନ୍ତି । ସିଏ କି ମଣିଷ ଯାହାର ପରିଚୟ ନାହିଁ ? ଦେଖନ୍ତୁ, ଲାଞ୍ଜିଗଡ଼ରେ କ'ଣ ଘଟିଛି । ଯେତେବେଳେ କଂପାନୀ (VAL- Vedants Aluminium Limited) ସେଇଠି ନଥିଲା 'କୁଇ' ଲୋକମାନେ (ନିୟମଗିରି ପର୍ବତପାଦ ଦେଶରେ ରହୁଥିବା କୁଟିଆ ଓ ଦେଶିଆ କନ୍ଧ ଗୋଷ୍ଠୀମାନ) ଆମ୍ଭମାନଙ୍କ ପରି ଥିଲେ । ଆମେ ପରସ୍ପର ଭାଇ ପରି ରହୁଥିଲୁ । ଆମେ ସେମାନଙ୍କୁ କନ୍ଧ (Kondhs) ରୂପେ ଚିହ୍ନଟ କରୁଥିଲୁ । ମାତ୍ର କଂପାନୀ ଯେତେବେଳେ ଆସିଲା, ସବୁ ବଦଳିଗଲା । ଜମି ହଜିଗଲା, ସଂସ୍କୃତି ହଜିଗଲା ଏବଂ ପରିଚୟ ହଜିଗଲା । ବର୍ତ୍ତମାନ ସେମାନେ ଶ୍ରମିକ । ସେମାନେ ରାଜା ଥିଲେ, ପୂର୍ବରୁ ନିଜ ଜମିର ମାଲିକ ଥିଲେ । ଏବେ ଆପଣ ଜାଣି ପାରିବେନି ପାଣ କିଏ, କନ୍ଧ କିଏ, ସବୁ ମିଶି ଯାଇଛି । ଏହି ପ୍ରକାରର ଉନ୍ନୟନରେ ଲାଭ କ'ଣ ?ଆମେ ପରିଶେଷରେ ଶ୍ରମିକ ହୋଇଯିବୁ । ବର୍ତ୍ତମାନ ସେମାନେ ଆମ ଡଙ୍ଗରିଆଙ୍କୁ ବିରୋଧ କରୁଛନ୍ତି । ଭାଇ ଭାଇକୁ ବିରୋଧ କରୁଛି ।

(ଲଡୁ ଶିକାକା, ଲକ୍ଷପଦର ଗାଁ, ନେତା, ନିୟମଗିରି ସୁରକ୍ଷା ସମିତି)

ଅନେକ ଡଙ୍ଗରିଆ କନ୍ଧ ନିୟମଗିରିକୁ ହରାଇବାକୁ ସେମାନଙ୍କର ଅସ୍ମିତାକୁ ହରାଇବା ସହ ତୁଳନା କରିଥାନ୍ତି । ଡଙ୍ଗରିଆ କନ୍ଧଙ୍କ ସଂସ୍କୃତି ଓ ଅସ୍ମିତା ଛନ୍ଦାଛନ୍ଦି ହୋଇ ନିୟମ ରାଜାଙ୍କ ଆତ୍ମୀୟ ସ୍ୱଜନ ରୂପେ ପରସ୍ପରକୁ ଜଡ଼ିତ କରାଇଥାଏ । ଡଙ୍ଗରିଆ ନାମଟି ଏକ ଓଡ଼ିଆ ଶବ୍ଦ । ଏହା ପାହାଡ଼ର ଲୋକଙ୍କ ପାଇଁ ପ୍ରଯୁଜ୍ୟ । ମାତ୍ର ଡଙ୍ଗରିଆମାନେ ସେମାନଙ୍କୁ ପରିଚିତ କରାଇଥାନ୍ତି 'ଝରଣିଆ' ରୂପେ; ନିୟମଗିରିର ଅନେକ ଝରଣାର ରକ୍ଷକଳ ଅଭିଭାବକ ହେବାର ଏହି ଗଭୀର ବିଶ୍ୱାସ ସେମାନଙ୍କର ପ୍ରଥାଗତ କୃଷିରେ ପ୍ରୟୋଗ କରାଯାଉଥିବା ଅନନ୍ୟ ଅରଣ୍ୟ ନିୟନ୍ତ୍ରଣ କୌଶଳର ମାଧ୍ୟମରେ ପ୍ରତିଫଳିତ ହୋଇଥାଏ ।

ପାହାଡ଼ମାନଙ୍କର ଶିଖର ଦେଶରେ ଥିବା ବୃକ୍ଷଲତା କେବେ କଟାଯାଏ ନାହିଁ, କାରଣ ସେମାନେ ବିଚାର କରିଥାନ୍ତି; ଏ ଗୁଡ଼ିକ ଡଙ୍ଗରିଆ କନ୍ଧଙ୍କ ସମାଜର ଦେବୀ ଓ ଦେବତାମାନଙ୍କ ପାଇଁ ଉତ୍ସର୍ଗୀକୃତ ପବିତ୍ର ନିବାସ ସ୍ଥଳୀ ଏବଂ ଏଗୁଡ଼ିକ ପୁଣି ଝରଣାମାନଙ୍କର ଉତ୍ପତ୍ତି ସ୍ଥଳ ଏବଂ ମୃତ୍ତିକା ଓ ଜଳ କ୍ଷୟକୁ ମୌସୁମୀ ଋତୁରେ ସୁରକ୍ଷା ଦିଅନ୍ତି ।

ଆମେ ନିୟମଗିରିରେ ଥିବାବେଳେ ଆମକୁ କୁହାଗଲା ଯେ, ସେମାନଙ୍କର ପୋଡୁ କ୍ଷେତରେ ସେମାନେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଛଡ଼ା ୨୦ରୁ ଊର୍ଦ୍ଧ୍ୱ କିସମର ଯଅ ଚାଷ କରିଥାନ୍ତି । ୧୯୭୦ ଦଶକରେ ସେମାନଙ୍କୁ ଉଦ୍ୟାନ କୃଷି ସହିତ ପରିଚିତ କରାଇ ଦିଆଗଲା ଏବଂ ସେମାନେ ଆରମ୍ଭ କରିଦେଇଛନ୍ତି ବହୁ ପରିମାଣରେ ସପୁରୀ, କମଳା, ଲେମ୍ବୁ ଓ କଦଳୀ ପ୍ରଭୃତି ଉତ୍ପାଦନ, ଯେଉଁଗୁଡ଼ିକୁ ସେମାନେ ବଜାରରେ ବିକ୍ରି କରିଥାନ୍ତି ।(୪୨) ସେମାନଙ୍କର ବିଶ୍ୱାସ ଯେ ଏହି ଅର୍ଥ/ ବିଭବ ଧରଣୀପେନୁ, ପୃଥିବୀ ଦେବୀ ଯୋଗାଇ ଦେଇଛନ୍ତି, ଯିଏ କ୍ଷେତରେ ବୁଣିବା ପୂର୍ବରୁ ଓ ଶସ୍ୟ ଅମଳ ପରେ ନିଶ୍ଚିତ ଭାବରେ ପୂଜିତ ହେବେ । ବୁଣିବା ପୂର୍ବରୁ ସମସ୍ତ ଗ୍ରାମବାସୀ ସେମାନଙ୍କର ବିହନ ଗୋଟିଏ କୁଟୁମ୍ବ ଠାରେ ଏକାଠି କରନ୍ତି ଯେଉଁଠି ବେଜୁଣୀ ଏଗୁଡ଼ିକୁ ଧରଣୀ ପେନୁଙ୍କୁ ସମର୍ପଣ କରିଥାଏ । ସେମାନେ ଶିଆଳି ପତ୍ର ସମେତ ନାନା ପ୍ରକାରର ଜଙ୍ଗଲ ଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରିଥାନ୍ତି । (ବାଉ ହୀନିଆ ବହଲିଟି, ବାଉଁଶ ଗଜା, ବଣୁଆ ଅଦା ଏବଂ ହଳଦୀ, ଛତୁ ଏବଂ କନ୍ଦା, କେତେ ପ୍ରକାରର ସବୁଜ ପତ୍ର ଯୁକ୍ତ ପନିପରିବା ଏବଂ ଅସଂଖ୍ୟ ଜଳସ୍ରୋତରୁ ମାଛ ଓ ଗେଣ୍ଡା ଶାମୁକା ସଂଗ୍ରହ କରିଥାନ୍ତି । ଏହାରି ଭିତରେ ଅନ୍ତର୍ଭୁକ୍ତ ହୋଇଥାଏ । ଆଜି ପର୍ଯ୍ୟନ୍ତ ବ୍ୟବହୃତ ହେଉଥିବା ବଣ୍ୟ ଖାଦ୍ୟମାନ (ଜୀବନଯାପନ ପଛାରେ ପରିବର୍ତ୍ତନକୁ ନେଇ ପ୍ରସଙ୍ଗଟିରେ ଦେଖନ୍ତୁ, ଯହିଁରେ ବ୍ୟବହୃତ ବିବିଧତାର ଅବକ୍ଷୟକୁ ନେଇ ତଳେ ଆଲୋଚନା କରାଯାଇଛି) ।

ଏଥିରୁ କିଛି ବିକ୍ରୀ ହୋଇଯାଏ । ଏହି ଗୋଷ୍ଠୀରେ ପାରମ୍ପରିକ ଧାରାର ଚିକିତ୍ସା ଜଙ୍ଗଲରେ ମିଳୁଥିବା ଚେର ମୂଳି ଓ ଅନ୍ୟ ପଦାର୍ଥ ଦ୍ୱାରା ପ୍ରଚଳିତ ଅଛି । ଏହି ଗୋଷ୍ଠୀର ପାରମ୍ପରିକ ବଇଦ/ ଚିକିତ୍ସକ ଅଛନ୍ତି ଯେଉଁମାନଙ୍କର ପ୍ରାକୃତିକ ଚିକିତ୍ସାରେ ଗଭୀର ଜ୍ଞାନ ଥାଏ । ନିୟମଗିରିରେ, ପ୍ରତ୍ୟେକ ଆଦିବାସୀ ଅଞ୍ଚଳ ପରି ଜୀବିକା ଓ ସଂସ୍କୃତି ପରସ୍ପର ସହିତ ଅଙ୍ଗାଙ୍ଗୀ ଜଡ଼ିତ ଏବଂ ପ୍ରକୃତି ଠାରୁ ଅବିଚ୍ଛିନ୍ନ । ପାହାଡ଼ରେ ବାସ କରୁଥିବା ଆଦିବାସୀ ମାନଙ୍କର ପ୍ରାକୃତିକ ଅଞ୍ଚଳ ପ୍ରତି ସ୍ୱାଭାବତଃ ଏକ ସମର୍ପଣ ଭାବ ଥାଏ ଏବଂ ସେମାନେ ଏହି ଭାବ ନେଇ ସେହି ଅଞ୍ଚଳର ପରିଚାଳନା କରିଥାନ୍ତି ।

## ଏହି ଅଞ୍ଚଳ ସଂପର୍କରେ :

ଡଙ୍ଗରିଆ ବିଚାର କରେ ସମଗ୍ର ନିୟମଗିରି ପର୍ବତସମୂହ ସେମାନଙ୍କର ଅଞ୍ଚଳ, ଯାହା ନିୟମ ରାଜାଙ୍କ ଦ୍ୱାରା ଶାସିତ ହୋଇଥାଏ । ପାରମ୍ପରିକ ଭାବରେ ଡଙ୍ଗରିଆ କନ୍ଧ ଅଞ୍ଚଳ ଭାଗ ଭାଗ ହୋଇଥିଲା ସ୍ୱତନ୍ତ୍ର ଭୌଗୋଳିକ-ସାଂସ୍କୃତିକ ଭୂମିଖଣ୍ଡରେ ଯେଉଁଗୁଡ଼ିକୁ ପଦର କୁହାଯାଏ ଏବଂ ପ୍ରତି କୁଳ/ବଂଶ ପାଇଁ ଗୋଟିଏ ପଦର ଥିଲା । ଯାହା ହେଉ, ସ୍ୱାଧୀନତା ସହିତ, ନିୟମଗିରି ପାହାଡ଼ମାନଙ୍କର ବହୁ ଅଞ୍ଚଳ ସଂରକ୍ଷିତ ଅରଣ୍ୟଭୂମି ରୂପେ ଅଧିକାରର ବନ୍ଦୋବସ୍ତର ପ୍ରକୃତ ପ୍ରକ୍ରିୟା ଅବଲମ୍ବନ ନକରି ଶ୍ରେଣୀଭୁକ୍ତ ହୋଇଯାଇଅଛି । ଏହି ହେତୁ ଜଙ୍ଗଲ ଉପରେ ସ୍ପଷ୍ଟ ସ୍ୱତ୍ୱ ଅଧିକାର ନାହିଁ । ଏହି ପ୍ରସଙ୍ଗରେ ନିୟମଗିରି ପାହାଡ଼ମାନଙ୍କରେ ଖଣି ଖନନ ବିରୋଧରେ ସଂଗ୍ରାମ ସାଙ୍ଗକୁ ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ଅରଣ୍ୟବାସୀଙ୍କ ପାଇଁ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬ (ଜଙ୍ଗଲ ଅଧିକାର ଆଇନ ଅଥବା FRA)(୪୩) ଏକ ଟାଣୁଆ ଅସ୍ତ୍ର ରୂପେ ଆରମ୍ଭ ହୋଇଗଲା, ଯାହା ସାହାଯ୍ୟର ଏହି ଗୋଷ୍ଠୀ ସେମାନଙ୍କର ପରିଚୟକୁ ଏବଂ ନିୟମଗିରି ସହିତ ଓ ନିୟମଗିରିର ଅରଣ୍ୟ ସହିତ ନିବିଡ଼ ଭାବରେ ଜଡ଼ିତ ସେମାନଙ୍କର ଜୀବନ ଶୈଳୀକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିପାରିଲେ । ସର୍ବୋଚ୍ଚ ନ୍ୟାୟାଳୟ ଏପ୍ରିଲ ୨୦୧୩ର ଦୃଷ୍ଟି ଆକର୍ଷଣକାରୀ ନିଷ୍ପତ୍ତିରେ FRAର ବ୍ୟବସ୍ଥା ଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ଭାରତୀୟ ଆଇନରେ ଅନୁସୂଚିତ ଜନଜାତିଙ୍କର ସୁରକ୍ଷା ସଂପର୍କରେ ଥିବା ଅନେକ ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଦେଲେ । ନ୍ୟାୟାଳୟ ଦର୍ଶାଇଲେ ଯେ FRA ଅନୁକ୍ରମେ ସ୍ୱୀକୃତ ଡଙ୍ଗରିଆ କନ୍ଧମାନଙ୍କର ଧାର୍ମିକ ଓ ସାଂସ୍କୃତିକ ଅଧିକାରମାନ ଗୋଷ୍ଠୀ ସମ୍ମୁଖରେ ଉପସ୍ଥାପନ କରାଯାଇ ନଥିଲା । ବକ୍ସାଇଟ ପାଇଁ ଖଣି ଖନନ ହେବାକୁ ଥିବା ଜମିକୁ ନେଇ ସେମାନଙ୍କ ସକ୍ରିୟ ବିଚାର ପାଇଁ ଉପସ୍ଥାପନ କରାଯାଇନଥିଲା । ତେଣୁ ନ୍ୟାୟାଳୟ ଏହି ସମସ୍ୟା ଗୁଡ଼ିକୁ ଡଙ୍ଗରିଆ କନ୍ଧଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଓଡ଼ିଶା ରାଜ୍ୟକୁ ଆଦେଶ ଦେଲେ ।(୪୪) ୨୦୧୩ ଜୁଲାଇ ଓ ଅଗଷ୍ଟରେ ରାଜ୍ୟ ତରଫରୁ ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାର ୧୨ଟି ଗ୍ରାମରେ ଗ୍ରାମସଭାମାନଙ୍କର ଆୟୋଜନ କରାଗଲା ଏବଂ ସମସ୍ତ ୧୨ଟି ଗ୍ରାମ ଖଣି ଖନନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ପଲ୍ଲୀସଭାମାନଙ୍କ ପୂର୍ବରୁ, ୨୦୧୩ରେ ଓଡ଼ିଶା ରାଜ୍ୟ ସରକାର ବେଆଇନ ଭାବରେ(୪୫) ଲଘୁ ବନଜାତ ପଦାର୍ଥ, ଚାରଣ ଭୂମି ଓ ପୋଡୁ କ୍ଷେତ ଇତ୍ୟାଦି ଉପରେ ଗୋଷ୍ଠୀର ଦାବୀକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କଲେ । ରିପୋର୍ଟ ଗୁଡ଼ିକ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପ୍ରକାରେ ପଲ୍ଲୀସଭାମାନଙ୍କରେ ଗ୍ରାମବାସୀଙ୍କ ପାଖରେ ଉପସ୍ଥାପନ କରାଗଲା । ତଥାପି, ଗ୍ରାମମାନେ ସେମାନଙ୍କ ଆଗରେ ଉପସ୍ଥାପନ କରାଯାଇଥିବା ଲଘୁ ବନଜାତଦ୍ରବ୍ୟ, ପଶୁଚାରଣ ଭୂମି ଓ ପୋଡୁ କ୍ଷେତ ଗୁଡ଼ିକ ଉପରେ ଗୋଷ୍ଠୀର ଦାବୀ ଏବଂ ବ୍ୟକ୍ତିଗତ ଦାବୀ ଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏପରି ଘଟିଲା ଏଥିପାଇଁ ଯେ ଜମି ଓ ସମ୍ବଳ ଉପରେ ଦାବୀଗୁଡ଼ିକ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ଉପସ୍ଥାପିତ ହେଲାବେଳେ ଭାଗଭାଗ କରିଦିଆଗଲା, ଶ୍ରେଣୀଭୁକ୍ତ କରିଦିଆଗଲା ଏବଂ ପରିମାଣ ସ୍ଥିର କରାଯାଇଥିଲା ପ୍ରମୁଖ ଶ୍ରେଣୀ ରୂପେ ଯଥା- ପଶୁ ଚାରଣ ଭୂମି, ପବିତ୍ର ସ୍ଥଳୀ, ଝରଣା ।(୪୬)

> ଯଦି ସରକାର ପ୍ରସ୍ତୁତଥିଲେ, କଂପାନୀକୁ ପର୍ବତ ଉପରେ ଅଧିକାର ଦେବା ପାଇଁ ତେବେ ନିୟମରାଜାଙ୍କୁ କାହିଁକି ନୁହେଁ ? ଆମେ ଚାହୁଁ କଳାହାଣ୍ଡି ଓ ରାୟଗଡ଼ାରେ ବ୍ୟାପିଥିବା ସମଗ୍ର ନିୟମଗିରି ପର୍ବତମାଳା ଉପରେ ସ୍ୱତ୍ୱାଧିକାର ନିୟମରାଜାଙ୍କ ନାମରେ ରହିବ । ଏବଂ ଆମର ସମସ୍ତ ଗ୍ରାମକୁ ସମଷ୍ଟିଗତ ଭାବେ ଗୋଟିଏ ସ୍ୱତ୍ୱାଧିକାର ଦିଆଯିବା ଉଚିତ ସମଗ୍ର ନିୟମଗିରି ପର୍ବତମାଳା ଉପରେ ।
>
> (ଦଧି ପୁଷିକା, ଗୋରୋଟା ଗାଁ)

୨୦୧୦ରେ ଠିକ୍ ସାକସେନା କମିଟିଙ୍କ ପରିଦର୍ଶନ ପରେ,(୪୭) ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ମାଧ୍ୟମରେ(୪୮) କେତେକ ବ୍ୟକ୍ତିଗତ ସ୍ୱତ୍ୱାଧିକାର ଗ୍ରାମମାନଙ୍କରେ ବଣ୍ଟନ କରାଗଲା । ଅଥଚ ଆମକୁ ଯେଉଁ ସ୍ୱତ୍ୱଲିପି ଗୁଡ଼ିକ ଦେଖାଇ ଦିଆଗଲା ଗୋରୋଟା ଓ ସାନଡେଙ୍ଗୁଣୀ ଗ୍ରାମମାନଙ୍କରେ ମାତ୍ର ୨.୪ ଏକରରୁ ଅଧିକ ଜମି ଥିଲା ଏବଂ ଏହା ଉପରେ ଏକ ଅସ୍ଥାୟୀ ମୋହର ଥିଲା, ଯାହା ଦର୍ଶାଉଥିଲା କି ବଣ୍ଟନ କରାଯାଇଥିବା ସ୍ୱତ୍ୱଲିପିମାନ ଚୂଡ଼ାନ୍ତ ନୁହେ । ଗୋରୋଟା ଠାରେ ବୟସ୍କଲୋକମାନେ ସରକାରଙ୍କ ଦ୍ୱାରା ସେମାନଙ୍କ ତରଫରୁ ଦାଖଲ କରାଯାଇଥିବା ବ୍ୟକ୍ତିଗତ ତଥା ଗୋଷ୍ଠୀର ଦାବୀମାନଙ୍କୁ ନେଇ ସେମାନଙ୍କର ଅସନ୍ତୋଷ ପ୍ରକଟ କଲେ । ବୟସ୍କ ଲୋକେ ଏବଂ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କର ଅସନ୍ତୋଷ ପ୍ରକାଶ କଲେ ଜମିର ପରିମାଣକୁ ନେଇ ଯାହା ଉପରେ ସେମାନଙ୍କୁ ସ୍ୱତ୍ୱଲିପିମାନ ଦିଆଯାଇଥିଲା ଯେହେତୁ ଭୂମିର ଓ ସମ୍ବଳର ପରିମାଣ ଉପରେ ଯେଉଁସବୁ ସ୍ୱତ୍ୱଲିପି ବ୍ୟକ୍ତିଗତ ନାମରେ ଅଥବା ଗ୍ରାମର ନାମରେ ଦିଆଯାଇଥିଲା ତାହା ପର୍ବତମାନ ଏବଂ ସମ୍ବଳମାନଙ୍କୁ ଡଙ୍ଗରିଆ କନ୍ଧ ଯେଉଁ ଦୃଷ୍ଟିରେ ଦେଖନ୍ତି, ସେହି ପନ୍ଥାକୁ ସଂପୂର୍ଣ୍ଣ ମାତ୍ରାରେ ବିରୋଧ କରୁଛି । ଡଙ୍ଗରିଆ କନ୍ଧ ଗୋଷ୍ଠୀମାନଙ୍କର ପୋଡୁଚାଷ ପ୍ରଥା ସକାଶେ ଏପରି ସ୍ୱତ୍ୱଲିପିମାନଙ୍କର ପ୍ରାସଙ୍ଗିକତା ମଧ୍ୟ ପ୍ରଶ୍ନ ଉତ୍ଥାପନ କରେ, ଯେହେତୁ ଏହି ପ୍ରଥା ପାଇଁ ଗୁଡ଼ାଏ ପରିମାଣର ଜମି ଉପରେ ଦଖଲ ଦରକାର ଯହିଁରେ ପୋଡୁ ଚାଷ ଚକ୍ର ଅନୁସୃତ ହୋଇପାରିବ । କିନ୍ତୁ ନିର୍ଦ୍ଧିଷ୍ଟ ପରିମାଣର ଖଣ୍ଡେ ଖଣ୍ଡେ କ୍ଷୁଦ୍ର ଜମି ଦେଇ ସେମାନଙ୍କୁ ସ୍ଥାୟୀ କୃଷି ପ୍ରତି ପରିବର୍ତ୍ତିତ ହେବା ପାଇଁ ବାଧ୍ୟ କରାଯାଉଛି । ଅତିରିକ୍ତ ଭାବରେ ପୋଡୁ କ୍ଷେତ୍ରମାନଙ୍କ ଉପରେ ବ୍ୟକ୍ତିଗତ ସ୍ୱତ୍ୱାଧିକାର ଯୋଗାଇଦେଇ ଏକ ଆବଶ୍ୟକୀୟ ସମବାୟ ପ୍ରଥାକୁ ବ୍ୟକ୍ତିଗତ କରିଦେବା ପାଇଁ ଅଗ୍ରସର କରାଇବାର କାରଣ ପ୍ରଥାଗତ ଭାବେ ପୋଡୁ ପାଇଁ ଜମି ଖଣ୍ଡମାନ ପ୍ରଦତ୍ତ ହୋଇଥାଏ କୁଟୁମ୍ବ ମାଧ୍ୟମରେ, ନିର୍ଦ୍ଧିଷ୍ଟ ସମୟ ବ୍ୟବଧାନରେ ଏବଂ ସ୍ଥାୟୀ ଭାବରେ ଗୋଟିଏ ପରିବାର ବା ଜଣେ ବ୍ୟକ୍ତିର ନହୋଇ ତାହା ଏକ କୁଳର/ ଗୋତ୍ରର ହୋଇଥାଏ । ପୁଣି ଗୋରୋଟାରେ ନେତାଙ୍କ ଭିତରୁ ଜଣେ ଦାବୀ କରିଥିଲେ ଯେ ନିୟମଗିରି ନିୟମରାଜାଙ୍କର ଏବଂ ଡଙ୍ଗରିଆ କନ୍ଧର କେବଳ ନୁହେ । ଆହୁରି ଗୋଷ୍ଠୀମାନେ ମଧ୍ୟ ଅଛନ୍ତି ଯେଉଁମାନେ ଏହାର ସମ୍ବଳ ଉପରେ ମଧ୍ୟ ନିର୍ଭରଶୀଳ ।(୪୯) ଡମ୍ବ ଗୋଷ୍ଠୀ ନିୟମଗିରି ପର୍ବତମାନଙ୍କର ଡଙ୍ଗରିଆ କନ୍ଧଙ୍କ ନିବାସସ୍ଥଳୀରେ ସହାବସ୍ଥାନ କରିଥାନ୍ତି । ଏହି ଗୋଷ୍ଠୀ ସକ୍ରିୟ ଭାବରେ ଡଙ୍ଗରିଆ କନ୍ଧ ଗୋଷ୍ଠୀ ସହିତ ଯୋଗ ଦେଇଥାଏ ଏବଂ ନିୟମଗିରି ସୁରକ୍ଷା ସମିତିର ଅଂଶ ଅଟେ । ଯଦିଚ ଅନେକଙ୍କର ନିଜର ଜମି ନାହିଁ ଅଥବା ପୋଡୁ ପ୍ରଥା ନାହିଁ ସେମାନେ ହେଉଛନ୍ତି ନିୟମଗିରି ପର୍ବତମାଳାର ସାମାଜିକ-ସାଂସ୍କୃତିକ ସୂତ୍ରର ଏକ ଅବିଚ୍ଛିନ୍ନ ଅଙ୍ଗ । ସମତଳରେ ବାସ କରୁଥିବା କୁଟିଆ ଓ ଦେଶିଆ  କନ୍ଧମାନେ ମଧ୍ୟ ପାହାଡ଼ ପାଦଦେଶର ଅରଣ୍ୟକୁ ବ୍ୟବହାର କରିଥାନ୍ତି । ଏହା ଦର୍ଶାଇଥାଏ ଯେ ଡଙ୍ଗରିଆ କନ୍ଧମାନେ ନିୟମଗିରିର ଅରଣ୍ୟ ସମ୍ବଳ ଉପରେ ଅନ୍ୟ ଗୋଷ୍ଠୀମାନଙ୍କର ନିର୍ଭରଶୀଳତା ପ୍ରତି ମଧ୍ୟ ସଚେତନ ଅଛନ୍ତି ଏବଂ ସେଇଥି ପାଇଁ ପ୍ରତି ଡଙ୍ଗରିଆ କନ୍ଧ ଗାଁମାନଙ୍କ ପାଇଁ ବ୍ୟକ୍ତିଗତ ଗୋଷ୍ଠୀ ଅଧିକାର ଦାବୀ କରିବା ହୁଏତ ଅନ୍ୟ ଗୋଷ୍ଠୀଙ୍କ ସହିତ ଅସ୍ଥିରତା ଆଡ଼କୁ ଅଗ୍ରସର କରାଇପାରେ ।

ଫେବୃଆରୀ ୨୦୧୪ରେ FRA ର କାର୍ଯ୍ୟକାରିତା ପାଇଁ ମୁଖ୍ୟ କାଯ୍ୟାନ୍ୱୟନ ସଂସ୍ଥା ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆଦିଷ୍ଟ ହୋଇ ଏକ ଅଧ୍ୟୟନ ସକାଶେ ବୟସ୍କ ଡଙ୍ଗରିଆ କନ୍ଧ ଏବଂ ଗୋଷ୍ଠୀ ନେତାମାନଙ୍କୁ  ନେଇ FRAର ବ୍ୟବସ୍ଥାମାନଙ୍କ ବିଷୟରେ ସଭାମାନ ହୋଇଥିଲା ।(୫୦) ପୂର୍ବରୁ ସ୍ପଷ୍ଟ କରାଯାଇଥିବା ପ୍ରକାରେ, ଏହି ସଭାମାନଙ୍କରେ ଗୋଷ୍ଠୀ ଦୃଢ଼ ଭାବରେ

କହିଥିଲେ ସେ ସମୁଦାୟ ପର୍ବତମାଳା ନିୟମରାଜାଙ୍କର ଏବଂ ଯେକୌଣସି ସ୍ୱତ୍ୱ ଅଧିକାର ଏହି ଅଞ୍ଚଳ ଉପରେ ନିୟମରାଜାଙ୍କ ନାମରେ ଦିଆଯିବା ଉଚିତ ହେବ ।(୫୧)

## ଉନ୍ନୟନ ସଂପର୍କରେ :

ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (DKDA) ବ୍ୟତୀତ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ (PDS) ସ୍ୱଳ୍ପମୂଲ୍ୟର ଚାଉଳ ବଣ୍ଟନ, ରହବା ପାଇଁ ଘର ସକାଶେ ଇନ୍ଦିରା ଆବାସ ଯୋଜନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (MNREGS) ଭଳି ସରକାରୀ ଯୋଜନାମାନ ମଧ୍ୟ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଅଛି ।

ଅଥଚ, ଡଙ୍ଗରିଆ କନ୍ଧମାନେ ପ୍ରକାଶ କଲେ ଏବଂ ଆମର ପ୍ରାଥମିକ  ପର୍ଯ୍ୟବେକ୍ଷଣରୁ ଜଣାଗଲା ଯେ ଏହି ଯୋଜନାମାନ ଏବଂ ଉନ୍ନୟନ ପ୍ରକଳ୍ପମାନଙ୍କର ପରିକଳ୍ପନା ଓ ପ୍ରୟୋଗ ଗୋଷ୍ଠୀର ଜୀବନ ଧାରଣ ପନ୍ଥା ସହିତ ମେଳ ହେଉନାହିଁ ।  ଗୋଷ୍ଠୀ ପ୍ରକାଶ କଲେ ଯେ ଏହି ସମସ୍ତ କାର୍ଯ୍ୟ ଗ୍ରାମ ପଞ୍ଚାୟତ ଦ୍ୱାରା ସଂଯୋଜିତ ହୁଏ । ପୂର୍ବରୁ ସୂଚେଇ ଦିଆଯାଇଛି ଯେ ଗୋଟିଏ ଗ୍ରାମ ପଞ୍ଚାୟତରେ ଗୁଡ଼ାଏ ଡଙ୍ଗରିଆ କନ୍ଧ ଗାଁ ରହିଛି ଏବଂ ସମତଳର ଅନ୍ୟ ଗାଁମାନ ମଧ୍ୟ ରହିଛି । ସରପଞ୍ଚ (ପଞ୍ଚାୟତର ନିର୍ବାଚିତ ମୁଖ୍ୟ) ପଦବୀଟି ଅଧିକାଂଶ ସ୍ଥଳରେ ବଡ଼ ଗାଁମାନଙ୍କର ଅନ୍ୟ ଗୋଷ୍ଠୀର ସଭ୍ୟଙ୍କ ଦ୍ୱାରା ଅଧିକୃତ ହୋଇଥାଏ । ଏପରି ହୁଏ ପ୍ରାଥମିକତଃ ଏଥିପାଇଁ ଯେ ଡଙ୍ଗରିଆ କନ୍ଧମାନେ କ୍ୱଚିତ ପଞ୍ଚାୟତ ସଭାରେ ଉପସ୍ଥିତ ରହନ୍ତି କାରଣ ସେମାନେ ସଭାମାନଙ୍କରେ ସଂଖ୍ୟାଲଘୁ ହୋଇପଡ଼ନ୍ତି । ପରମ୍ପରାଗତ ଭାବେ ଡଙ୍ଗରିଆ କନ୍ଧମାନଙ୍କର ଗାଁ ଭିତରେ କୁଟୁମ୍ବ ରହିଛି ଯାହା ଏକ ଅନୁଷ୍ଠାନ ରୂପେ କାର୍ଯ୍ୟ କରିଥାଏ ଏବଂ ଯାହା ଡଙ୍ଗରିଆ କନ୍ଧଙ୍କ ଜୀବନର ପ୍ରାୟ ସମସ୍ତ ବିଷୟ ସ୍ଥିର କରିଥାଏ ଏବଂ ନିୟନ୍ତ୍ରିତ କରିଥାଏ । ଡଙ୍ଗରିଆ କନ୍ଧମାନେ ଆହୁରି ପ୍ରକାଶ କଲେ ଯେ ନିର୍ବାଚିତ ସରପଞ୍ଚମାନେ ଯଥେଷ୍ଟ ରାଜନୈତିକ ସୁବିଧା ପାଇଥାନ୍ତି ଏବଂ ପାଣ୍ଠି ଓ ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟାକୁ ନିୟନ୍ତ୍ରଣର କରିବାରେ ସମର୍ଥ ହୋଇଥାନ୍ତି ।  ସେମାନଙ୍କର ଅଧିକାରକୁ ରାଜନୈତିକ ଭାବରେ ମଜବୁତ୍ କରିବା ଏବଂ ଦୁଇଟି ଗ୍ରାମ ପଞ୍ଚାୟତରେ ସେମାନଙ୍କ ଗୋଷ୍ଠୀରୁ ସରପଞ୍ଚ ରୂପେ କେତେ ଲୋକଙ୍କୁ ନିର୍ବାଚିତ କରିବା ପାଇଁ ଯଥେଷ୍ଟ ସମର୍ଥନ ଯୋଗାଡ଼ କରିବାରେ ନିୟମଗିରି ସୁରକ୍ଷା ସମିତି (NSS) ସଫଳ ହୋଇଛି । ଏହା ସତ୍ତ୍ୱେ ଗୋଷ୍ଠୀର ଅନେକଙ୍କ ପାଇଁ ଗ୍ରାମ ପଞ୍ଚାୟତ ସହ ସଂଶ୍ଳିଷ୍ଟ ରହିବାର ଅର୍ଥ ହେଉଛି ଦୁର୍ନୀତି ସଂପନ୍ନ ଅଧିକାରୀମାନଙ୍କ ସହିତ ସଂପର୍କ ରଖି ଭାବବିନିମୟ ତଥା କଥାବାର୍ତ୍ତା କରିବା ଯେଉଁମାନଙ୍କର ମନରେ ଗୋଷ୍ଠୀର ସ୍ୱାର୍ଥ ହୁଏତ ନାହିଁ ।

ଅଧିକାଂଶ ଡଙ୍ଗରିଆ କନ୍ଧ ଯେଉଁମାନଙ୍କୁ ଆମ ଦଳ ଭେଟିଲେ ସେମାନେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କଲେ ଓ ସମାଲୋଚନା କଲେ । ଅନେକ ଗ୍ରାମରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାମାନ ଗ୍ରାମର ପରାମର୍ଶ ନେଇ କରାଯାଉନାହିଁ । ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସୌର ଲ୍ୟାମ୍ପ ବାଣ୍ଟି ଥାଏ, କେତେକ ଗ୍ରାମରେ କଂକ୍ରିଟ ରାସ୍ତା ତିଆରି କରେ, ଫଳ ଚାଷ ପାଇଁ ଚାରା ବାଣ୍ଟେ । ମାତ୍ର ଏଗୁଡ଼ିକ ସବୁ ଗାଁରେ ସୁଲଭ ହୁଏ ନାହିଁ ଏବଂ ଏଗୁଡ଼ିକ ଥରେ ବଣ୍ଟନ ହୋଇଗଲା ପରେ ଆଉ ବଣ୍ଟନ କ୍ରିୟାକଳାପ ବିଷୟରେ ପରବର୍ତ୍ତୀ ପଦକ୍ଷେପ ନିଆଯାଏ ନାହିଁ । ସକଟା ଗାଁରେ ଜୀବିକା ଉପାର୍ଜନରେ ବିକାଶ ଘଟାଇବାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଭୂମିକା ବିଷୟରେ ଆମେ କେତେଜଣ ମହିଳାଙ୍କୁ କହିଲୁ । ସେମାନେ ପ୍ରକାଶ କଲେ ଯେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ମହିଳାମାନଙ୍କୁ ପାରମ୍ପରିକ ଶାଲ ବୁଣେଇ କରିବା

ପାଇଁ ତାଲିମ ଦେଇଥିଲେ ଏବଂ ସୂତା  ଯୋଗାଇ ଦେଇଥିଲେ । ମାତ୍ର ଏହି ତାଲିମ ଅଧାରେ ଛାଡ଼ି ଦିଆଗଲା ଏବଂ ଯୋଜନାଟି ମାତ୍ର ଛଅମାସ ଭିତରେ ଶେଷ ହୋଇଗଲା ।

ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ସେମାନଙ୍କ ତରଫରୁ ଦାବୀ କରନ୍ତି ଯେ ଶାଲ ତିଆରିରୁ  ଏବଂ ଉଦ୍ୟାନ କୃଷିରୁ ଆୟ ବୃଦ୍ଧି କରିବା ସମେତ ଅନେକ ଗୁଡ଼ିଏ ଜୀବିକା ଉପାର୍ଜନ କ୍ରିୟାକଳାପରେ ସେମାନେ ଡଙ୍ଗରିଆ କନ୍ଧମାନଙ୍କୁ ସାହାଯ୍ୟ କରିଛନ୍ତି । ଆମେ ଡଙ୍ଗରିଆ କନ୍ଧଙ୍କ ଉନ୍ନୟନ ପାଇଁ ୨୦୧୫ ଠାରୁ ୨୦୨୦ ବର୍ଷ ସକାଶେ ଏକ ସାମ୍ଭାବ୍ୟ ପ୍ରକଳ୍ପ ଦେଖିବା ସୁଯୋଗ ପାଇଥିଲୁ, ଯାହାକୁ ନେଇ ଅଧିକାରୀମାନେ କହିଲେ କି ଆଦିବାସୀ ମାନଙ୍କ ସହିତ ପଲ୍ଲୀସଭା ମାନଙ୍କରେ ପରାମର୍ଶ କରି ଏହା ପ୍ରସ୍ତୁତ କରାଯାଇଥିଲା, ଏହା ଏକ ଦାବୀ ଯାହାକୁ ଡଙ୍ଗରିଆ କନ୍ଧଙ୍କ ଭିତରୁ ବୟସ୍କ ଲୋକମାନେ ପ୍ରତିବାଦ କଲେ ।(୫୨) DKDAର ଅଧିକାରୀମାନେ ସ୍ୱୀକାର କଲେ ଯେ ଆଦିବାସୀଙ୍କ ପାରମ୍ପରିକ ଔଷଧୀୟ ଜ୍ଞାନକୁ ଅଧିକ ବ୍ୟବହାର କରିବା ପାଇଁ ଅଥବା ଏହାକୁ ଭିତ୍ତିକରି ନୂଆ କିଛି କରିବା ପାଇଁ ଅଥବା ପାରମ୍ପରିକ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର କୌଣସି ଯୋଜନା ନଥିଲା । ସେମାନେ ଯାହାହେଉ ଚାହିଁଥିଲେ ସଂସ୍କୃତିର ସଂରକ୍ଷଣରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ, ସେମାନଙ୍କ ପାଇଁ ଏହାର ଅର୍ଥ ହେଲା, ସେମାନଙ୍କ ପାଇଁ ଏକ ପାରମ୍ପରିକ ପୂଜାସ୍ଥଳୀ ପ୍ରସ୍ତୁତ କରିଦେବା, ମାଟିର ସ୍ଥାନଟିକୁ ସିମେଟ୍ କରିଦେବା ଏବଂ ଏକ ଆଜବେଷ୍ଟସ୍ ଛାତ ଯୋଗେଇ ଦେବା । ପ୍ରକଳ୍ପରେ ପରିବର୍ତ୍ତିତ କୃଷି ଆହୁରି ବର୍ଣ୍ଣିତ ହେଉଅଛି, ପରିବେଶକୁ ଧ୍ୱଂସ କରିଦେଉଛି ବୋଲି ଯାହା ବନ୍ଦ କରାଯିବା ଆବଶ୍ୟକ ଏବଂ ପୋଡୁ କ୍ଷେତ୍ରରେ ଏବଂ ସ୍ୱାଭାବିକ ପ୍ରାକୃତିକ ରୂପେ ତିଆରି ହୋଇଥିବା ଜଙ୍ଗଲରେ କରାଯାଉଥିବା କୃଷିରୁ ଉତ୍ପନ୍ନ ଶସ୍ୟର ପୃଷ୍ଟିଜନିତ ଉପଯୋଗିତାକୁ ସଂପୂର୍ଣ୍ଣ ଭୁଲି ଯାଇ ନିୟମିତ କୃଷି କ୍ଷେତ୍ରରେ ସ୍ଥାୟୀ କୃଷି ସଂପୂର୍ଣ୍ଣ ରୂପେ ପ୍ରବର୍ତ୍ତନ କରାଯିବା ଆବଶ୍ୟକ । ଡଙ୍ଗରିଆ କନ୍ଧମାନଙ୍କ ଅନୁଯାୟୀ ପୋଡୁଚାଷ ଅଳ୍ପ କିଛି ମାସ ପାଇଁ ଖାଦ୍ୟ ଯୋଗାଇଥାଏ ଏବଂ ଖାଦ୍ୟୋପଯୋଗୀ ଜଙ୍ଗଲଜାତ ଅନ୍ୟ ପଦାର୍ଥ ସୁଲଭ ହୋଇଥାଏ ଏବଂ ହାତୀ ପରି ବଣୁଆ ପ୍ରାଣୀ ଯେଉଁମାନେ କେବେ କେବେ ଖାଦ୍ୟ ପାଇଁ ପୋଡୁ କ୍ଷେତ ଦେଇ ଯିବା ଆସିବା କରିଥାନ୍ତି ସେମାନଙ୍କୁ ଖାଦ୍ୟ ଯୋଗାଇ ଥାଏ ।

ଡଙ୍ଗରିଆ କନ୍ଧ ମହିଳା, ଯୁବକଯୁବତୀ ଏବଂ ବୟସ୍କମାନେ ଶିକ୍ଷାର ଆବଶ୍ୟକତାକୁ ନେଇ ସ୍ୱର ଉଠାଉଛନ୍ତି । ଅଥଚ ନିୟମଗିରିରେ ଥିଲାବେଳେ ଆମେ ଗୋରୋଟା ଏବଂ ଢାମଣପୋଙ୍ଗା ଗାଁରେ ସ୍କୁଲ ଘରମାନ ଦେଖିଥିଲୁ ଯେଉଁଗୁଡ଼ିକ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମିତ ହୋଇଥିଲା ପ୍ରାୟ ୨୫ ବର୍ଷ ପୂର୍ବେ, କିନ୍ତୁ ଏବେ ସେଗୁଡ଼ିକ ବ୍ୟବହାର ହେଉ ନାହିଁ । ଢାମଣପୋଙ୍ଗାରେ ଡଙ୍ଗରିଆ ଗୋଷ୍ଠୀର ଲୋକେ କହିଲେ ଯେ ସ୍କୁଲ ଚାଲିଥିଲା, ମାତ୍ର ଦୁଇବର୍ଷ ତଳେ ସ୍କୁଲ ବନ୍ଦ କରି ଦିଆଗଲା, ଯେତେବେଳେ ଅଣ ଡଙ୍ଗରିଆ ସ୍କୁଲ ଶିକ୍ଷକ ଜଣକ ସ୍କୁଲ ଛାଡ଼ିଦେଲେ । ଏହା ଭୁଲ ପ୍ରମାଣିତ କରୁଛି ଜିଲ୍ଲା କଲେକ୍ଟର କରିଥିବା ଦାବୀକୁ ଯେ ୨୮ଟି ସ୍କୁଲ ନିୟମଗିରି ପାହାଡ଼ମାନଙ୍କ ଭିତରେ କାର୍ଯ୍ୟରତ ଅଛନ୍ତି । ଡଙ୍ଗରିଆ କନ୍ଧମାନଙ୍କ ବିଶ୍ୱାସ ଯେ ଏହି ସ୍କୁଲମାନଙ୍କ ଭିତରୁ ଅନେକ ଗୁଡ଼ିଏ ସ୍କୁଲ ଚାଲୁ ନାହିଁ ଉତ୍ସର୍ଗୀକୃତ ଶିକ୍ଷକଙ୍କ ଅଭାବରୁ ଯେଉଁମାନେ ଜଙ୍ଗଲ ଭିତରେ ଖୁବ୍ ଦୂର ସ୍ଥାନମାନଙ୍କରେ ରହିବାକୁ ଇଚ୍ଛୁକ ନୁହନ୍ତି ।

## ଡମ୍ବମାନଙ୍କର ଦୃଷ୍ଟିକୋଣ

ଡ଼ମ୍ବ ଗୋଷ୍ଠୀ ସେମାନଙ୍କ ସହ ବସବାସ କରୁଥିବା ଆଦିବାସୀଙ୍କ ତୁଲ୍ୟ ସରକାରଙ୍କର ଯେମିତି ତୀବ୍ର ସମାଲୋଚକ ସେମିତି କଂପାନୀର (VAL) ପ୍ରତ୍ୟାଖାନକାରୀ । ନିୟମଗିରି ସୁରକ୍ଷା ସମିତି (NSS)ର ଯୁବଶାଖାର ଜଣେ ସଦସ୍ୟ ବୋଲି କର୍କରିଆ ଖଣିଖନନ ପ୍ରସ୍ତାବ ବିରୋଧରେ ପ୍ରତିବାଦ କରୁଥିବା ବେଳେ ଏକ ମିଥ୍ୟା ଅଭିଯୋଗରେ ସେ କାରାଦଣ୍ଡ ଭୋଗୁଥିବା ସମୟର କଥା ଆମକୁ କହିଲେ ।

ସେମାନେ, ଯାହାହେଉ, ଅଧିକ ସଂପର୍କ ରଖିଥାନ୍ତି ବାହାରର ବଜାର ସହିତ । ସେମାନଙ୍କ ସାଂସ୍କୃତିକ ମୂଲ୍ୟବୋଧ ଓ ଅଭିଳାଷା ବହିର୍ଜଗତ ସହିତ ଅଧିକ ଖାପ ଖାଉଥିଲା ଏବଂ ସେଥିପାଇଁ କୌଣସି ପ୍ରକାରରେ ରାଜ୍ୟର ଜନମଙ୍ଗଳ କ୍ରିୟାକଳାପକୁ ସେମାନେ ଅଧିକ ସ୍ୱାଗତ କରିଥାନ୍ତି । ଏହି ଗୋଷ୍ଠୀ କଥାବାର୍ତ୍ତା ଓ ଆଲୋଚନା ବେଳେ ପ୍ରକାଶ କଲେ ଯେ ସାର୍ଥକ ଜନମଙ୍ଗଳ ଯୋଜନା ଏବଂ ଏହି ଗୋଷ୍ଠୀ ପାଇଁ ନିଯୁକ୍ତ ସୁଯୋଗ ଯୋଗାଇ ଦେବାରେ ସରକାରଙ୍କ ଦ୍ୱାରା ଅବହେଳିତ ହେଉଥିବାର ଏକ ଭାବନା ହୁଏତ ଏହାର କାରଣ ହୋଇପାରେ । ଉନ୍ନୟନକୁ ନେଇ ସେମାନଙ୍କର ଅଭିବ୍ୟକ୍ତି ଡଙ୍ଗରିଆ କନ୍ଧଙ୍କ ସହିତ ଅନେକ ମାତ୍ରାରେ ସମାନ, ମାତ୍ର ସାମାନ୍ୟ ଭିନ୍ନତା ସହିତ । ଗ୍ରାମମାନଙ୍କରୁ ଅଧିକ ମାତ୍ରାରେ ଯୁବକଯୁବତୀଙ୍କର ନଗରାଞ୍ଚଳକୁ ଜୀବିକା ଉପାର୍ଜନ ପାଇଁ ସ୍ଥାନାନ୍ତର ହେଉଥିବା ଏହି ଗୋଷ୍ଠୀ ଦେଖିଛି । ଏହି ଗୋଷ୍ଠୀ ସାଧାରଣତଃ ଡଙ୍ଗରିଆ କନ୍ଧମାନଙ୍କ ଉତ୍ପାଦିତ ପଦାର୍ଥ ବାହାର ବଜାରରେ ବିକ୍ରି କରି ଡଙ୍ଗରିଆ କନ୍ଧ ଓ ସମତଳ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ମଧ୍ୟସ୍ଥିର ଭୂମିକା ନିର୍ବାହ କରିଥାଏ । ସଲପ ବ୍ୟବସାୟ ସାଧାରଣତଃ ଏହି ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହା ସତ୍ତ୍ୱେ ଡଙ୍ଗରିଆ କନ୍ଧମାନେ ଦିନକୁ ଦିନ ଅଧିକ ମାତ୍ରାରେ ବାହାର ବଜାର ସହିତ ଯୋଗାଯୋଗ ସ୍ଥାପନ କରିବା ହେତୁ ଏହି ଗୋଷ୍ଠୀର ଜୀବିକା ଉପାର୍ଜନ ମାଧ୍ୟମରେ ପରିବର୍ତ୍ତନ ଆସୁଛି । କେହି କେହି ଡଙ୍ଗରିଆ କନ୍ଧଙ୍କ ଠାରୁ ଭୂମି କିଣିଛନ୍ତି, କିନ୍ତୁ ବର୍ଷଯାକର ଖାଦ୍ୟଶସ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ ସମର୍ଥ ହେଉ ନାହାନ୍ତି ।

ପାହାଡ଼ ଅଞ୍ଚଳରେ ଏକ ଦୀର୍ଘ ସ୍ଥାୟୀ ଭବିଷ୍ୟତ ସକାଶେ ଉଭୟ ଗୋଷ୍ଠୀ ଦ୍ୱାରା ଏହି ଅଭିବ୍ୟକ୍ତି ଗୁଡ଼ିକର ବିଚାର କରିବାର ଆବଶ୍ୟକତା ରହିଛି ।

ଏଠାରେ ରାଜ୍ୟ ସରକାରଙ୍କ ସ୍କୁଲମାନ ଅଛି ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପରିଚାଳିତ ଆବାସିକ ସ୍କୁଲମାନ ମଧ୍ୟ ଚାଟିକଣା ଓ ପାର୍ସାଲି ଠାରେ ରହିଛି, କିନ୍ତୁ ଖୁବ୍ କମ୍ ସଂଖ୍ୟକ ପିଲା ସ୍କୁଲକୁ ଯାଇଥାନ୍ତି । ସ୍କୁଲକୁ ଯାଉଥିବା ପିଲାମାନଙ୍କ ଠାରୁ ଗୋଷ୍ଠୀ ଜାଣିଥିଲା ଯେ ବାସ୍ତବ କ୍ଷେତ୍ରରେ ବହୁତ ପିଲା ସ୍କୁଲରେ ପଢ଼ା ଛାଡ଼ି ପଳେଇ ଯାଆନ୍ତି; ଏହାର କାରଣ ହେଲା ସେମାନେ ନିଜ ନିଜ ପିତାମାତାଙ୍କ ଠାରୁ ଏବଂ ନିୟମଗିରି ଠାରୁ ଅଲଗା ରହିବାକୁ ଚାହାନ୍ତି ନାହିଁ । ସେମାନେ ବୁଝିପାରନ୍ତି ନାହିଁ ଏବଂ ପାଠ୍ୟକ୍ରମ (Syllabus) ସହିତ ସଂପର୍କ ଯୋଡ଼ିପାରନ୍ତି ନାହିଁ, କାରଣ ଏଇଠି ଶିକ୍ଷାର ମାଧ୍ୟମ ଓଡ଼ିଆ ହୋଇଥାଏ, ଯାହା କନ୍ଧଙ୍କ କୁଇ ଭାଷାର ବିପରୀତ । ପିତାମାତା ଅନୁଭବ କରନ୍ତି ଯେ ଶିକ୍ଷା ଏବଂ ସାରକ୍ଷତା ଭାରି ଜରୁରୀ ଯାହା ସେମାନଙ୍କୁ ସହାୟକ ହେବ ନିୟମଗିରି ବାହାରେ ଯେଉଁ ପୃଥିବୀ ରହିଛି, ତାହା ସହିତ ଯୋଗାଯୋଗ କରିବାରେ । କିନ୍ତୁ ପିଲାମାନଙ୍କୁ ସ୍କୁଲକୁ ପଠାଇବା ଅର୍ଥ ମଧ୍ୟ ହେବ ଯେ ଜଙ୍ଗଲ ଠାରୁ ଏବଂ ପିତାମାତାଙ୍କ ଜୀବନ ଜୀବିକା ଠାରୁ ଦୂରରେ ରହି ଡଙ୍ଗରିଆ କନ୍ଧଙ୍କ ସମଗ୍ର ପିଢ଼ି ଡଙ୍ଗରିଆ କନ୍ଧ

ଜୀବନଶୈଳୀ ଆଉ ଶିଖିବେ ନାହିଁ । ସେମାନେ ଦର୍ଶାଇବା ପାଇଁ ଖୁବ୍ ବ୍ୟଗ୍ର ଯେ ସେମାନେ ପସନ୍ଦ କରିବେ ଯଦି ସ୍କୁଲ ଗୁଡ଼ିକ ନିୟମଗିରି ଭିତରେ କୌଣସି କେନ୍ଦ୍ରସ୍ଥଳୀମାନଙ୍କରେ ସ୍ଥାପିତ ହୁଏ ଯେଉଁଠିକୁ ଚାରିପଟର ଗାଁମାନଙ୍କରୁ ପିଲାଏ ଆସି ଉପସ୍ଥିତ ହୋଇପାରିବେ । ସେମାନେ ପସନ୍ଦ କରିବେ ଶିକ୍ଷାର ମାଧ୍ୟମ 'କୁଇ' ହୋଇଥିବା ସ୍କୁଲମାନଙ୍କୁ ଏବଂ ପାଠ୍ୟକ୍ରମ (Curriculam) ଯଦି ନିୟମଗିରିରେ ଜୀବନ ଧାରା ସହିତ ଅଧିକ ମେଳଖାଏ ଏବଂ ଶିକ୍ଷକମାନେ ଡଙ୍ଗରିଆ କନ୍ଧ ହୋଇଥିବେ ଅଥବା ଅନ୍ୟ ଆଦିବାସୀ ହୋଇଥିବେ ଯେଉଁମାନେ ସେମାନଙ୍କର ଜୀବନଯାପନ ପନ୍ଥା ଓ ଦୈନନ୍ଦିନ ସଂଗ୍ରାମ ସହ ସମ୍ବେଦନଶୀଳ ହୋଇଥିବେ ।

ଅଧିକାଂଶ ଯୁବ ଡଙ୍ଗରିଆ କନ୍ଧ ଲୋକ ଯେଉଁମାନଙ୍କ ସହିତ ଏହି ଦଳ ଭାବ ବିନିମୟ କଲା, ସେମାନେ ଇନ୍ଧନର ଚାହିଦା ବିଷୟରେ କହିଲେ । ଡଙ୍ଗରିଆ କନ୍ଧମାନେ ସାଧାରଣତଃ କିରୋସିନ୍ ବ୍ୟବହାର କରିଥାନ୍ତି ରାତିରେ ଲ୍ୟାମ୍ପ ଜାଳିବା ପାଇଁ । ଡଙ୍ଗରିଆ କନ୍ଧମାନେ ଅନୁଭବ କଲେଣି ଯେ କିରୋସିନ୍ ଅଧିକରୁ ଅଧିକ ବ୍ୟୟବହୁଳ ହୋଇପଡୁଛି ଏବଂ ସେମାନେ ସାହିରେ ଆଲୁଅ ଓ ସେମାନଙ୍କର ଘର ମାନଙ୍କରେ ଆଲୁଅର ଆବଶ୍ୟକତା ଅନୁଭବ କରନ୍ତି । କିନ୍ତୁ ସେମାନେ ବେଶୀ ଜୋର ଦିଅନ୍ତି ସୋଲାର ବ୍ୟବହାର କରିବାକୁ, ଗ୍ରୀଡ୍ ବିଜୁଳି ଆଲୁଅ ନୁହେ । ସେମାନେ ଏହା କହନ୍ତି ଏଇଥି ପାଇଁ ଯେ ବହୁ ଶକ୍ତି ସଂପନ୍ନ ତାର ସବୁ ନିୟମଗିରି ଚଉଦିଗରେ ଥିବା ନିଘଞ୍ଚ ଅରଣ୍ୟ ଭିତରେ ଜୀବନ ପ୍ରତି ବିପଦ । ସେମାନେ ପୁଣି ଭୟଭୀତ ଯେ ବିଜୁଳି ଆଲୁଅ ପାଇଁ ଖମ୍ବମାନଙ୍କର ଅର୍ଥ ହେଲା ବଡ଼ ବଡ଼ ଯାନମାନ ଜଙ୍ଗଲ ଭିତରକୁ ରାସ୍ତା କାଟି ଖମ୍ବମାନଙ୍କୁ ଆଣିବେ ଯାହାର ପରିଣତି ସ୍ୱରୂପ ରାଜ୍ୟ ସରକାର ଓ କଂପାନୀ ଜଙ୍ଗଲ ଭିତରକୁ ପଶି ଆସିବା ସହଜ ହୋଇପଡ଼ିବ ।

ବୟସ୍କ ଲୋକମାନେ ଜୋର ଦେଇ କହିଥାନ୍ତି ବିଶାଳ, ତାରୁ ରାସ୍ତାମାନ ନିୟମଗିରି ଅରଣ୍ୟ ପ୍ରତି ଏବଂ ସେମାନଙ୍କର ସଂସ୍କୃତି ପ୍ରତି କ୍ଷତିକାରକ । ଲାଡ଼ୋ ଶିକାକା ତାଙ୍କର ବିଚାର ପ୍ରକଟ କଲେ, "ଆମର କାର ନାହିଁ । ସରକାର କାହିଁକି ଏତେ ଦୃଢ଼ତାର ସହିତ ଆମକୁ ରାସ୍ତା ଯୋଗାଇ ଦେବାପାଇଁ ତତ୍ପର ? ଈଶ୍ୱର ଆମକୁ ଦୁଇ ଚକିଆ, ଆମର ଦୁଇଟି ଗୋଡ଼ ଦେଇଛନ୍ତି । ଆମେ ଚାଲି ପାରିବୁ ଏବଂ ଆମର ଯାହା ଦରକାର ଆମ ହାଟରୁ ଆଉ ଜଙ୍ଗଲମାନଙ୍କରୁ ଆମେ ଆଣି ପାରିବୁ । ଆମର ରୋଡ଼ କ'ଣ ଦରକାର ? ୧୦ ରୁ ୧୫ ଫୁଟ ରୋଡ଼ରେ ବାହାରିଆ ଲୋକେ ଜଙ୍ଗଲ ଭିତରକୁ ଆସିବେ ଏବଂ ତାକୁ ନଷ୍ଟ କରିଦେବେ । ଆମ ଗାଁ ମାନଙ୍କରେ ଆମ ଦ୍ୱାର ମାନଙ୍କରେ ତାଲା ପଡ଼େ ନାହିଁ, ଆମର ତାଲା ନାହିଁ । ଆମ ଝିଅମାନେ ସ୍ୱାଧୀନ ଭାବରେ ଚାରିଆଡ଼େ ବୁଲିଥାନ୍ତି ।" ଅନ୍ୟମାନେ ଆମକୁ କହିଲେ କି ଯଦି ରୋଡ଼ମାନ ନିହାତି ତିଆରି ହୁଏ ତେବେ ସେଗୁଡ଼ିକ ଅଣଓସାରିଆ ହେବା ଉଚିତ, ଏଗୁଡ଼ିକୁ କେବଳ ସ୍ଥାନୀୟ ଲୋକେ ବ୍ୟବହାର କରିବେ ଚଳପ୍ରଚଳ ହେବାପାଇଁ ।

ଗୋଷ୍ଠୀର ସଦସ୍ୟମାନେ, ଯେଉଁମାନଙ୍କ ସହିତ ଆମେ କଥାବାର୍ତ୍ତା କଲୁ, ସେମାନେ ମତ ଦେଲେ ଯେ ମୃତ୍ତିକା ସୃଷ୍ଟି ଏବଂ ଜଳ ସଂରକ୍ଷଣ ବ୍ୟବସ୍ଥା ଭଳି କାର୍ଯ୍ୟମାନ ଯେଉଁଗୁଡ଼ିକ ଜଙ୍ଗଲର ସୁରକ୍ଷାରେ ବ୍ୟବହୃତ ହୋଇପାରିବ, ସୌର ବିଦ୍ୟୁତର ସଂପ୍ରସାରଣ ପାହାଡ଼ିଆ ଅଞ୍ଚଳ ଭିତରେ ଦିନବେଳିଆ ସ୍କୁଲ ଯେଉଁଠି ଉଭୟ କୁଇ ଓ ଓଡ଼ିଆ ଶିକ୍ଷାଦାନର ମାଧ୍ୟମ ହୋଇଥିବ, ଏଭଳି କାର୍ଯ୍ୟଗୁଡ଼ିକ ଗୋଷ୍ଠୀ ପାଇଁ କୋଠଘର, ମନ୍ଦିର ଏବଂ ଅନ୍ୟ କୋଠାବାଡ଼ି ନିର୍ମାଣ ଅପେକ୍ଷା ବହୁଗୁଣରେ ସହାୟକ ହେବ । ଅତଏବ ଏହା ସ୍ପଷ୍ଟ ଯେ ସଦୁଦ୍ଦେଶରେ ପ୍ରସ୍ତୁତ ସରକାରୀ କାର୍ଯ୍ୟକ୍ରମମାନ କ୍ରମାଗତ ଭାବେ ଡଙ୍ଗରିଆ କନ୍ଧମାନଙ୍କ ଜୀବନ ଯାପନ ପନ୍ଥା ସହିତ ମେଳ ହେଉନାହିଁ ଏଥିପାଇଁ ଯେ ସେମାନଙ୍କ ସହିତ ବିଚାର ଆଲୋଚନା ଓ ସେମାନଙ୍କର ପରାମର୍ଶର ଅଭାବ ଏବଂ କାର୍ଯ୍ୟକ୍ରମ ମାନ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେବାରେ ଗୋଷ୍ଠୀ ସଂଶ୍ଳିଷ୍ଟର ଅଭାବ ।

## ଜୀବନଯାପନ ପଦ୍ଧତିରେ ପରିବର୍ତ୍ତନ ସଂପର୍କରେ :

ଡଙ୍ଗରିଆ କନ୍ଧମାନେ ଜାଣନ୍ତି ଯେ ନିୟମଗିରିରେ ବସବାସ କରିବା ଏବଂ ବହିର୍ଜଗତ ସହିତ ଯୋଗାଯୋଗ ରଖିବା ପାଇଁ ଅର୍ଥ ଅନେକ ପରିମାଣରେ ଏକ ଆବଶ୍ୟକୀୟ ଉପାଦାନ ହୋଇଯାଇଛି । ଡଙ୍ଗରିଆ କନ୍ଧମାନେ ବୁଝାଇ ଦେଇଥିଲେ ଯେ କିଛି ବର୍ଷ ତଳେ ସେମାନଙ୍କର ଅର୍ଥର ଆବଶ୍ୟକତା ଥିଲା କେବଳ ଲୁଗାପଟା, ଲୁଣ, ତେଲ, ବିବାହ, ଗୋଷ୍ଠୀଗତ ପର୍ବପର୍ବାଣି ପ୍ରଭୃତି ଭଳି କେତେକ ଅପରିହାର୍ଯ୍ୟତା ପାଇଁ । ସେମାନେ ସ୍ୱୀକାର କରିଥିଲେ ଯେ ଅର୍ଥ ଉପରେ ନିର୍ଭରଶୀଳତା କିଛି ବର୍ଷ ଭିତରେ ବଢ଼ି ଯାଇଛି । ବିଶେଷ ଭାବରେ ଲୁଗାପଟା ଏବଂ ଅନ୍ୟ ପଦାର୍ଥମାନଙ୍କର ଦରଦାମ ବୃଦ୍ଧି ହେତୁ ଏବଂ କେତେକ କ୍ଷେତ୍ରରେ ଅର୍ଥର ବଢ଼ିଥିବା ଆବଶ୍ୟକତା ସହିତ ସମତାଳ ରଖିବା ପାଇଁ ଯୁବଗୋଷ୍ଠୀ ଚାକିରୀ ସନ୍ଧାନରେ ଦେଶାନ୍ତର ଯିବା ଆରମ୍ଭ କରିଦେଇଥିବା ସ୍ଥଳେ ଅନ୍ୟମାନଙ୍କ ଭିତରେ ଅର୍ଥକାରୀ ଫସଲ ଉତ୍ପାଦନ ଏବଂ ଉଦ୍ୟାନ କୃଷି ଉତ୍ପାଦନ ପାଇଁ କୃଷିରେ ବୃଦ୍ଧି ଘଟିଛି ଏବଂ ନିକଟବର୍ତ୍ତୀ ସହରାଞ୍ଚଳରେ ଜାଳେଣୀ ବିକ୍ରୀରେ ବୃଦ୍ଧି ଘଟିଛି ।

ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାମାନଙ୍କର ଅନ୍ୟ ଏକ ଦିଗ ଆସେ, ବହିରାଗତ ସଂସ୍କୃତିର ପ୍ରଭାବ ଓ ଆଧୁନିକ ଜୀବନ ଶୈଳୀ ବର୍ଦ୍ଧିତ ହାରରେ ଯୁବଗୋଷ୍ଠୀଙ୍କୁ ମୋହାବିଷ୍ଟ କରି ଚାଲିଛି । ପୂର୍ବରୁ ଆଲୋଚିତ ହୋଇଛି ଯେ ବଢୁଥିବା ଅର୍ଥ ସର୍ବସ୍ୱ ଅର୍ଥନୀତିର ଅନୁପ୍ରବେଶ ଚାହିଦା ସୃଷ୍ଟି କରିଛି, ଯାହା ପୂର୍ବରୁ ସ୍ପଷ୍ଟ ଦେଖାନଥିଲା । ଡଙ୍ଗରିଆ କନ୍ଧମାନଙ୍କର ବିବାହ ପ୍ରଥା ଜଟିଳ ଯେଉଁଠି କନ୍ୟାମୂଲ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଓ ସାଂସ୍କୃତିକ ଭୂମିକା ଗ୍ରହଣ କରିଥାଏ । ଏଥିପାଇଁ ଅନେକ ପ୍ରକାରର ପ୍ରଥା ରହିଛି । ଗୋଟିଏ ପ୍ରଥା ହେଲା ବହୁ ମୂଲ୍ୟବାନ ପଦାର୍ଥମାନଙ୍କର ଆଦାନପ୍ରଦାନ । ବରଘରୁ ବହୁ ମୂଲ୍ୟବାନ ପଦାର୍ଥ କନ୍ୟାଘରକୁ ପଠାଯାଏ । ପୁଣି ଏକ ପ୍ରଥା ରହିଛି ଯେ ଜଣେ କନ୍ୟାକୁ ବିବାହ କରିବା ପାଇଁ ଚାହିଁ ବସିଥିବା ବର ଯାଇ କନ୍ୟାଘର କ୍ଷେତରେ କାମ କରିବ ।(୫୩) ଯେହେତୁ ଅନେକ ମୂଲ୍ୟବାନ ପଦାର୍ଥ ବଦଳରେ ଧୀରେ ଧୀରେ ଅର୍ଥ ଦିଆଯିବା ଆରମ୍ଭ ହୋଇଛି ଅନେକ ଡଙ୍ଗରିଆ କନ୍ଧ ଯୁବକ ଅନୁଭବ କରୁଛନ୍ତି ଯେ ତାଙ୍କ ପରିବାର ବହୁତ ଋଣ କରିବାକୁ ପଡୁଛି କନ୍ୟାମୂଲ ଦେବା ପାଇଁ । ଆମେ ଉପସ୍ଥିତ ହୋଇଥିବା ଏକ ବିବାହ କର୍ମରେ କନ୍ୟାର ପରିବାରରୁ କନ୍ୟାକୁ ଯଉତୁକ ଦିଆଯାଉଥିବା ଭଳି ବିପରୀତ ପ୍ରଥା ମଧ୍ୟ ଦେଖିଲୁ । ନିୟମଗିରି ସୁରକ୍ଷା ସମିତିର କେତେକ ସଦସ୍ୟଙ୍କର ମତ ହେଲା ଯେ ଏହି ଦେବା ନେବା ପ୍ରଥା ବନ୍ଦ ହେବା ଦରକାର ଏବଂ କୌଣସି କନ୍ୟାମୂଲ କିମ୍ବା ଯଉତୁକ ପ୍ରଥା ବନ୍ଦ କରିବା ପାଇଁ ବିବାହମାନ ଆୟୋଜିତ ହେବା ଉଚିତ, ଏହା ଦ୍ୱାରା ଋଣ ଚକ୍ରକୁ ପ୍ରତିରୋଧ କରିହେବ ।

> ଆମ ଭିତରେ ମୁଁ ଅନେକ ଯୁବକଙ୍କୁ ଦେଖେ ଯେଉଁମାନେ ଟାଙ୍ଗିଆଟିଏ ଧରିବା ଛାଡ଼ି ଦେଇଛନ୍ତି । ଟାଙ୍ଗିଆଟି ଡଙ୍ଗରିଆ ରୂପେ ଆମ ପରିଚୟର ଏକ ଅଙ୍ଗ । ଆମେ ଯାହା, ଏହା ତାହାର ଏକ ଅଂଶ । ଏଥିପାଇଁ ହିଁ ସଂସାର ଆମକୁ ଚିହ୍ନେ ।
>
> - ଗୋତୋରା ଗାଁର NSSର ଏକ ସଭାରେ ଜଣେ ଡଙ୍ଗରିଆ କନ୍ଧଯୁବକ ।

ବାହାରି ଲୋକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ମଦ୍ୟପାନର ଅଭ୍ୟାସ ବଢ଼ି ଚାଲିଛି । ଏହି ମଦ୍ୟ ଅପେକ୍ଷାକୃତ ଶସ୍ତା ଏବଂ ଅନେକ ସମୟରେ ଭେଜାଲ, ଯାହା ସେମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ଆମେ ନିୟମଗିରିରେ ଥିଲାବେଳେ, ନିୟମଗିରି

ସୁରକ୍ଷା ସମିତି କ୍ରମାଗତ ଗୁଡ଼ାଏ ମଦ୍ୟବିରୋଧୀ ସଭାର ଆୟୋଜନ କରୁଥିଲେ, ଯହିଁର ସାଂସ୍କୃତିକ ମୂଲ୍ୟବୋଧ ଅବକ୍ଷୟର ବିଭିନ୍ନ ଦିଗମାନ, ସେମାନଙ୍କର ସଂସ୍କୃତିର ପୁନଃଜାଗରଣ ଏବଂ ତାହା ପ୍ରତି ନିଷ୍ଠାପର ରହିବା ଏବଂ ଅରଣ୍ୟକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ବୟସ୍କ ଡଙ୍ଗରିଆ ତଥା ଯୁବକଙ୍କ ଦ୍ୱାରା ସମସ୍ୱରରେ ଗୁରୁତ୍ୱ ଦିଆଯାଇଥିଲା । ଏହି ମଦ୍ୟ ବିରୋଧୀ ସଭାମାନଙ୍କରେ ନେତୃତ୍ୱ ନେଇଥିଲେ ନିୟମଗିରିର ମହିଳାମାନେ ଯେଉଁମାନେ ଆରମ୍ଭ କରି ଦେଇଥିଲେ, ପରିବାରର ଆୟ ଓ ବ୍ୟୟକୁ ନେଇ ପ୍ରସଙ୍ଗ, ଯଥା, ପରିବାର  ଯେଉଁ ଅର୍ଥ ରୋଜଗାର କରୁଛି ତାହା ଧୀରେ ଧୀରେ କିପରି ବାହାରୁ ଆସୁଥିବା ମଦରେ ଅଧିକରୁ ଅଧିକ ବ୍ୟୟ ହେଉଛି (ମୁଖ୍ୟତଃ ପାତିତ ମହୁଲ ଏବଂ ଦେଶୀ ମଦ୍ୟ) ଏବଂ କିପରି ପରିବାର ମଧ୍ୟରେ ମଦ୍ୟପାନ କରି ଗାଳିଗୁଲଜ କରିବା ଯୋଗୁଁ ସଂଘର୍ଷ ଘଟୁଛି ।

ପାରମ୍ପରିକ ଔଷଧୀୟ ଜ୍ଞାନ ଏବେ ଧୀରେଧୀରେ ହଜିଯାଉଛି କାରଣ ଅଧିକାଂଶ ଲୋକ ନିଜ ନିଜ ଉପରେ ନିର୍ଭର କରୁଛନ୍ତି ସିନା ବାହାରର ଅବିଶ୍ୱସନୀୟ ଚିକିତ୍ସା ଅନୁଷ୍ଠାନମାନଙ୍କ (ଅନେକ ସମୟରେ ଶୋଷଣଧର୍ମୀ) ଉପରେ ନିର୍ଭର କରୁନାହାନ୍ତି । ଆମେ ଯାଇଥିବା ଏକ ଗାଁରେ ଏକ ପାଗଳକୁକୁର ଗୋଟିଏ ପିଲାକୁ କାମୁଡ଼ି ଦେଇଥିଲା ଏବଂ ଦୀର୍ଘ ସମୟ ଧରି ଗାଁ ଲୋକେ କେବଳ ଜଗି ବସିଥିଲେ ଯେ କୌଣସି ପ୍ରକାରେ ଜଣେ ଡାକ୍ତରଙ୍କୁ ପାଇବା ପାଇଁ ଅଥବା ପାଖ ସହରକୁ ନେଇଯିବା ପାଇଁ । ଆମେ ଯେତେବେଳେ ଏ ବିଷୟରେ ଅନ୍ୟ ଏକ ଗାଁରେ ବୟସ୍କ ଲୋକଙ୍କୁ ପଚାରିଲୁ ସେମାନେ କହିଲେ ଯେ ପାରମ୍ପରିକ ଭାବରେ ଏପରିକି ଅଧିକାଂଶ ବେମାର ଏବଂ ଆଘାତ ପାଇଁ ସେମାନଙ୍କର ଔଷଧ ଥିଲା, ମାତ୍ର ଏବେ ଆଉ ତାହା ପ୍ରତି ବସତିରେ ସୁଲଭ ନୁହେ । କିଛି ବୟସ୍କ ଲୋକ ଆମକୁ କହିଲେ ଯେ ବାହାର ଖାଦ୍ୟ ଖାଇବା (କୀଟ ନାଶକ ଔଷଧ ରାସାୟନିକ ସାର ପ୍ରୟୋଗ କରାଯାଇଥିବା) ଯଥା, ପି.ଡ଼ି.ଏସ୍, ଚାଉଳ ବଢ଼ି ଯାଇଥିବା ଯୋଗୁଁ ସେମାନଙ୍କର ଶରୀରରେ ପାରମ୍ପରିକ ପ୍ରାକୃତିକ ଔଷଧ କେତେକ ମାତ୍ରାରେ ଗୁଣ କରୁନାହିଁ, ବ୍ୟର୍ଥ ହେଉଛି । ଏକ ଉତ୍ସ ଅନୁଯାୟୀ ଏଲୋପ୍ୟାଥିକ ଔଷଧମାନ କେତେକ ମାତ୍ରାରେ ସେମାନଙ୍କର ରୋଗ ନିରାକରଣରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଛି , ପତଳା ଝାଡ଼ା ପରି ଗମ୍ଭୀର ରୋଗମାନ ଏବଂ କେତେକ ପ୍ରସବ ଜନିତ ଜଟିଳତା ଦୂରୀକରଣରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗର୍ଭସଂଚାର ଓ ଶିଶୁଜନ୍ମରେ ମହିଳାମାନଙ୍କୁ ଜନନୀ ସୁରକ୍ଷା ଯୋଜନା (ମାଆର ନିରାପତ୍ତା ପାଇଁ ଏକ କାର୍ଯ୍ୟକ୍ରମ) ମାଧ୍ୟମରେ ଉତ୍ସାହିତ କରାଯାଏ ଯେପରିକି ସରକାରୀ ଚିକିତ୍ସାଳୟରେ ସରକାରୀ ଡାକ୍ତରଖାନାରେ ସେମାନେ ସନ୍ତାନ ଜନ୍ମ କରିବେ । ଯାହାହେଉ, ଏହାର ଅର୍ଥ ହେଲା ଯେ, ପାରମ୍ପରିକ ଧାଈମାନଙ୍କ ସାହାଯ୍ୟ ଆଉ ନିଆଯାଉନାହିଁ । ସେମାନଙ୍କ ବଦଳରେ ସେମାନେ ଯେଉଁ ଜ୍ଞାନର ସଂପତ୍ତି ସମାଜରେ ଉପଯୋଗ କରୁଥିଲେ ତାହା ମଧ୍ୟ ବଦଳି ଯାଇଛି ।

ଲାଞ୍ଜିଗଡ଼ଠାରେ ବକ୍ସାଇଟ୍ ବିଶୋଧନାଗାରର ପ୍ରଭାବ ନିୟମଗିରି ପର୍ବତମାଳାରେ ଅନୁଭୂତ ହେବା ଆରମ୍ଭ ହୋଇଛି । ବୟସ୍କ ଡଙ୍ଗରିଆ କନ୍ଧମାନଙ୍କର ବିଶ୍ୱାସ ଯେ ଲାଞ୍ଜିଗଡ଼ ବିଶୋଧନାଗାରରୁ ନିର୍ଗତ ଧୂଆଁ ସ୍ଥାନୀୟ ଜଳବାୟୁକୁ ପ୍ରଭାବିତ କରୁଛି । ଝରଣାମାନ ଶୁଖି ଯାଉଛି ଏବଂ ପ୍ରଦୂଷଣ ଏହି ଅଞ୍ଚଳର ସ୍ୱାଭାବିକ ପାଗକୁ ପ୍ରଭାବିତ କରୁଛି ବୋଲି ବୟସ୍କ ଲୋକେ ଅଭିଯୋଗ କଲେ ଅତୀତରେ କୋଡ଼ିରେ ମାଟି ଖୋଳି ପୋଡୁଚାଷ ହେଉଥିବା କ୍ଷେତମାନ ପାହାଡ଼ମାନଙ୍କରେ ଗାଁମାନଙ୍କ ଠାରୁ ଅଳ୍ପ କିଛି ଦୂରରେ ଥିଲା । କିନ୍ତୁ ନିରାପତ୍ତା ବାହିନୀ ଯେଉଁମାନେ ଏହି ଅଞ୍ଚଳରେ ନକ୍ସଲ କ୍ରିୟାକଳାପର ଆଶଙ୍କାରେ ନିୟମିତ ତନ୍ନତନ୍ନ ସନ୍ଧାନରେ ଲାଗିଛନ୍ତି, ସେମାନଙ୍କ ଦ୍ୱାରା ନିରାପତ୍ତାହୀନତା ଓ ଉତ୍ପୀଡ଼ନ କେତେକ ମାତ୍ରାରେ ସେମାନଙ୍କର ପାରମ୍ପରିକ ଚାଷ ପ୍ରଣାଳୀକୁ ଦିଗଭ୍ରଷ୍ଟ କରିଦେଲା । ଯେହେତୁ ସେମାନେ ବହୁ ଦୂରକୁ ଏବେ ଯିବା ପାଇଁ ଅନିଚ୍ଛୁକ, ସେମାନଙ୍କୁ ଗାଁ ପାଖ

ପାହାଡ଼ମାନଙ୍କରେ ଚାଷ ବଢ଼େଇବାକୁ ପଡୁଛି । ପରିଣତି ସ୍ୱରୂପ ବହୁ ପରିମାଣରେ ଜଙ୍ଗଲ କଟା ହେଉଛି । ସ୍ଥାନୀୟ ଲୋକେ ପୁଣି ସେମାନଙ୍କର ଅସହାୟତା ସ୍ୱୀକାର କରି କହନ୍ତି ଯେ ଅର୍ଥର ଆବଶ୍ୟକତା ମେଣ୍ଟାଇବା ପାଇଁ ଉଭୟ ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ଏବଂ ବାହାର ଲୋକଙ୍କ ଦ୍ୱାରା ବହୁ ମାତ୍ରାରେ ଗଛ କଟାଯାଇ ନିକଟବର୍ତ୍ତୀ ବଜାରରେ ବିକ୍ରି କରିବାକୁ ପଡୁଛି । ବୟସ୍କ ଲୋକେ ଆମକୁ କହିଲେ ଯେ କେତେ ବର୍ଷ ତଳେ ବିଭିନ୍ନ ଗ୍ରାମରୁ ସୁରକ୍ଷା ଦଳ ଗଠନ କରି ବାହିରିଆ ଲୋକଙ୍କ ଦ୍ୱାରା ଗଛ କଟା ରୋକିବା ପାଇଁ ଏକ ଉଦ୍ୟମ ହୋଇଥିଲା । କିନ୍ତୁ ଖଣି ଖନନ କାର୍ଯ୍ୟକୁ ରୋକିବା ହଠାତ୍ ଆବଶ୍ୟକ ହୋଇପଡ଼ିବାରୁ ଗୋଷ୍ଠୀ ଆଉ ଏହି କାର୍ଯ୍ୟଟିକୁ ଆଗେଇ ନେଇପାରିଲା ନାହିଁ ।

> ଆମ୍ଭେମାନେ ଜଙ୍ଗଲକୁ ନେଇ ବିଚଳିତ । ଆମେ ଦେଖୁଛୁ ଜଙ୍ଗଲ ହ୍ରାସ ପାଇ ପାଇ ଯାଉଛି । କିନ୍ତୁ ଆମର ଅର୍ଥ ମଧ୍ୟ ଦରକାର ଏବଂ ଆମେ ଯଦି କାଠ ବିକିବୁ ନାହିଁ, ଆମେ ପଇସା ପାଇବୁ କେମିତି ? ସେଇଥି ପାଇଁ ଲୋକମାନେ ମୁନିଗୁଡ଼ାରେ ଅଧିକ ପରିମାଣରେ କାଠ ବିକୁଛନ୍ତି । ଆମ୍ଭେମାନେ ଭାରି ବିଚଳିତ । ହଁ ।
>
> - କୋଚାଡ଼ି ସିକୋକା, ଡ଼େଙ୍ଗୁଣି ଗାଁ

ସରକାରୀ କାର୍ଯ୍ୟକ୍ରମ ଯୋଗୁଁ କେତେକ 'ପଦାର୍ଥ' ଓ 'ସେବା' ସୁବିଧାରେ ମିଳିଯିବା ଯୋଗୁଁ ସେମାନଙ୍କର ଜୀବନ ଶୈଳୀ ବଦଳିବାକୁ ଆରମ୍ଭ କରିଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପଡ଼ିରେ ଦିଆଯାଉଥିବା ପଦାର୍ଥମାନ, ମୁଖ୍ୟତଃ ଚାଉଳ, ସେମାନଙ୍କର ଖାଦ୍ୟ ବ୍ୟବହାର ଧାରାକୁ ବଦଳେଇ ଦେଇଛି । ଏହାଦ୍ୱାରା ଲୋକେ ବାଜରା ଜାତୀୟ ଶସ୍ୟ ଉତ୍ପାଦନ ଓ ବ୍ୟବହାର, ଯେଉଁଥିରେ ସେମାନେ ସ୍ୱାବଲମ୍ବୀ, ଏବେ ତା'ଠାରୁ ଦୂରେଇ ଯାଇଛନ୍ତି ।

> ସରକାରୀ ଚାଉଳ ଲୋକଙ୍କୁ ବଦଳେଇ ଦେଉଛି । ଏହା ଆମ୍ଭମାନଙ୍କୁ ଲୋଭୀ କରେଇ ଦେଇଛି ।
>
> - ମାଣ୍ଡି କ୍ରାଡ୍ରାକା, ଢ଼ାମଣ ପୋନା ଗାଁର ଜାନୀ

ଗୋଟିଏ ଉତ୍ସରୁ ଜଣାଯାଏ,(୫୪) ଡଙ୍ଗରିଆ କନ୍ଧମାନଙ୍କର ଏକଦା ୪୫ରୁ ୫୦ କିସମର ବାଜରା ଥିଲା ।  ସଂପୂର୍ଣ୍ଣ ବନ୍ଦ କରି ଦେବା କାରଣରୁ ଅଥବା ପର୍ଯ୍ୟାୟ କ୍ରମେ ପରିବର୍ତ୍ତିତ କୃଷିଚକ୍ର ହ୍ରାସ ହେତୁ ଏବେ ତାହା କମି କମି ୧୦ରୁ କମ୍ ହୋଇଯାଇଛି, ଅର୍ଥକରୀ ଫସଲ ଚାଷରେ ବୃଦ୍ଧି ଘଟିଛି ଏବଂ ଆଂଶିକ ଭାବରେ ଚାଉଳକୁ ହଟାଇ ଦେଇଛି । ଏହି କାରଣରୁ, ପୁଣି କ୍ରମଶଃ ଜଙ୍ଗଲ ଜାତ ଖାଦ୍ୟର ବ୍ୟବହାର କମିଯିବା ପୃଷ୍ଟିହୀନତା ଆଡ଼କୁ ନେଇ ଯାଉଛି ଯାହା ସହର ସନ୍ନିକଟବର୍ତ୍ତୀ ଗାଁମାନଙ୍କୁ ନିଘଞ୍ଚ ଜଙ୍ଗଲ ଭିତରେ ଥିବା ଗାଁମାନଙ୍କ ସହ ତୁଳନା କଲେ ସ୍ପଷ୍ଟ ହୋଇ ପଡୁଛି ।

ଅନେକ ବୟସ୍କ ବ୍ୟକ୍ତି ଏବଂ ଗୋଷ୍ଠୀ ସଦସ୍ୟମାନେ ଆମକୁ କହିଲେ ଯେ ୨୦୦୬ରେ ଯେଉଁଦିନୁ ବିଶୋଧନାଗାର କାର୍ଯ୍ୟକ୍ଷମ ହୋଇଛି, ଲୋକଙ୍କର ଏହି ବିଶୋଧନାଗାର ଓ ଖଣି କାର୍ଯ୍ୟକୁ ସକ୍ରୀୟ ବିରୋଧ ହେତୁ ପାରାମିଲିଟାରୀ ଓ ପୋଲିସ୍ କର୍ମଚାରୀମାନଙ୍କ ଉପସ୍ଥିତିକୁ ଅଧିକ ମଜବୁତ୍ କରିଦିଆଯାଇଛି । ସେମାନେ କହନ୍ତି ଯେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ, ଗୋଷ୍ଠୀର ଲୋକଙ୍କୁ ଭିତରେ ଭୟ ସଂଚାର କରିବାରେ, ଏହାର ସଦସ୍ୟମାନଙ୍କର ଆନ୍ଦୋଳନକୁ ବାରଣ କରିବାରେ ଏବଂ ଗୋଷ୍ଠୀର

ଜୀବନ ଧାରଣ ପଦ୍ଧତିକୁ ବ୍ୟାହତ କରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଅଛି । ଏପରି ଭୟ ପ୍ରଦର୍ଶନ ସେମାନଙ୍କ ଜୀବନର ସମସ୍ତ ଦିଗରେ ଗୁଡ଼େଇ ହୋଇପଡ଼ିଛି । ୨୦୧୫ର ପ୍ରାରମ୍ଭରୁ ଓଡ଼ିଶା ସରକାର ମାଓବାଦୀଙ୍କୁ ଖୋଜିବା କାର୍ଯ୍ୟକ୍ରମରେ ପାରା ମିଲିଟାରୀ ଓ ସ୍ଥାନୀୟ ପୋଲିସ୍ ଫୋର୍ସକୁ ଡଙ୍ଗରିଆ କନ୍ଧଙ୍କ ବିରୋଧରେ ବ୍ୟବହାର କରିଆସୁଛନ୍ତି । ପୋଲିସ ନିର୍ଯ୍ୟାତନାର ତିନୋଟି ଉଦ୍‌ବେଗଜନକ ଘଟଣା ଓ ବେଆଇନ ଗିରଫଦାରୀଦୃଷ୍ଟିକୁ ଆସିଛି । ୨୮ ନଭେମ୍ବର ୨୦୧୫ ଦିନ ଢାମଣପୋଙ୍ଗାର ଡ୍ରିକା କାଡ୍ରାକା, ଯିଏ ନିୟମଗିରି ସୁରକ୍ଷା ସମିତର ଜଣେ ସଦସ୍ୟ, ବାରମ୍ବାର ସ୍ଥାନୀୟ ପୋଲିସ ଦ୍ୱାରା ଧରା ହୋଇ ନିର୍ଯ୍ୟାତିତ ହେବା ଯୋଗୁଁ ଆତ୍ମହତ୍ୟା କଲେ । ଏହି ବର୍ଷ ଫେବୃଆରୀ ୨୭ ତାରିଖ ଦିନ ନିୟମରାଜା ପରବ ପାଳନ କରିବା ପାଇଁ ଅନୁଷ୍ଠିତ ଗୋଷ୍ଠୀର ବାର୍ଷିକ ସମ୍ମିଳନୀରେ ମାଣ୍ଡୋ କାଡ୍ରାକା ନାମକ ୨୦ ବର୍ଷ ବୟସର ଛାତ୍ରକୁ ପାରା ମିଲିଟାରୀ ଫୋର୍ସ ସହିତ ସଂଘର୍ଷ କଲା ବୋଲି ଅଭିଯୋଗ ଆଣି ଜୀଅନ୍ତା ହତ୍ୟା କରାଗଲା । ମାଣ୍ଡୋ ମାଓବାଦୀ ରୂପେ ରାଜ୍ୟବିରୋଧୀ କ୍ରିୟାକଳାପରେ ସଂପୃକ୍ତ ଥିଲା ବୋଲି ଓଡ଼ିଶା ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ଯୋଗାଇ ପାରିନାହାନ୍ତି । ଘରେ ନିଆଁ ଲଗେଇ ଦେବା ଅପରାଧ, ହତ୍ୟା, ପାରା ମିଲଇଟାରୀ ଫୋର୍ସକୁ ତନ୍ନ ତନ୍ନ ଅନୁସନ୍ଧାନ କାର୍ଯ୍ୟ କଲାବେଳେ ଆକ୍ରମଣ କରିବା ଇତ୍ୟାଦି ଅଭିଯୋଗରେ ୨୦୧୬ ଅପ୍ରିଲ ୭ ତାରିଖ ଦିନ ଗୋଟୋର ଗାଆଁର ଦାସ୍ରୁ କାଡ୍ରାକାକୁ ମୁନିଗୁଡ଼ା ସହରରୁ ଗିରଫ କରାଗଲା ।(୫୫) ଏହିପରି ଭୟ ସୃଷ୍ଟି ଏବଂ ଦଶହଜାର ରୁ କିଛି କମ୍ ଜନସଂଖ୍ୟା ବିଶିଷ୍ଟ ଏକ ଗୋଷ୍ଠୀ ଉପରେ ବଳ ପ୍ରୟୋଗ ଭାରି ଗମ୍ଭୀର ସନ୍ଦେହମାନ ଠିଆ କରେ ଯେ ନିୟମଗିରି ପାର୍ବତ୍ୟାଞ୍ଚଳରେ ଖଣି ଖନନ କାର୍ଯ୍ୟକୁ କ୍ରମାଗତ ବିରୋଧ କରିବାକୁ ସେମାନେ ଯେଉଁ ମନସ୍ଥ କରିଛନ୍ତି ତାକୁ ଉଦ୍ଦେଶ୍ୟମୂଳକ ଭାବରେ ଭାଙ୍ଗିଦେବା ପାଇଁ ଏହା କରାଯାଉନାହିଁ ତ ?

## *ଉପସଂହାର :*

## *ଭବିଷ୍ୟତ ଭିତରକୁ ପରିଜ୍ଞାତ ପଦଚଲା ରାସ୍ତା ସୁଗମ କରିଦେବା ପାଇଁ ଗତି*

ଡଙ୍ଗରିଆ କନ୍ଧ ଗୋଷ୍ଠୀ ଦ୍ୱାରା ବିଜ୍ଞତାର ସହିତ ଏହାର ସଂଯତ ବ୍ୟବହାର ହେତୁ ଯେ ଆଜି ନିୟମଗିରି ପର୍ବତମାନ ଜୀବନ୍ତ ସତେଜ ଏବଂ ସବୁଜ ରହିଛି ଏଥିରେ ସନ୍ଦେହ ନାହିଁ । ସେମାନଙ୍କର ପ୍ରାକୃତିକ ପରିବେଷ୍ଟନୀ ପ୍ରତି ସମ୍ମାନବୋଧ ସ୍ପଷ୍ଟ ହୁଏ ସେମାନଙ୍କର ଜୀବନଜୀବିକା, ପ୍ରଥା ପରମ୍ପରା, ସଂସ୍କୃତି ଏବଂ ପରିଚିତିରେ । ଐକ୍ୟର ମୂଲ୍ୟବୋଧମାନ ଏବଂ ମଣିଷଙ୍କ ଭିତରେ ପାରସ୍ପରିକ ଆଦାନ ପ୍ରଦାନର ସଂପର୍କ ଏବଂ ପ୍ରକୃତିର ଅନ୍ୟ ବିଭାବଗୁଡ଼ିକ ସହିତ ସଂପର୍କରେ ସଂଯମତା ଓ ଆତ୍ମନିୟନ୍ତ୍ରଣ ଆହୁରି ସ୍ପଷ୍ଟ ହୋଇଥାଏ । ଏହା ସତ୍ତ୍ୱେ, ସମାଜ ମଙ୍ଗଳ ରାଷ୍ଟ୍ର ଓ ବଜାର ଅର୍ଥନୀତି (ଅନେକ ସମୟରେ ଛନ୍ଦାଛନ୍ଦି ହୋଇ) କ୍ରମଶଃ ଆସ୍ତେ ଆସ୍ତେ ନିୟମଗିରି ପର୍ବତମାନଙ୍କ ଭିତରକୁ ମାଡ଼ି ଚାଲିଛି ଯାହା ଗୁଡ଼ାଏ ପ୍ରଭାବକୁ ସାଙ୍ଗରେ ନେଇ ଲୋକଙ୍କ ଆବଶ୍ୟକ ମୁତାବକ ଅର୍ଥନୈତିକ ଦୃଷ୍ଟିକୋଣରୁ ସାଧନଯୋଗ୍ୟ ଏକ ବିକଳ୍ପର ବ୍ୟବସ୍ଥା ନଯୋଗାଇ ଜୀବନଶୈଳୀର ଭିତ୍ତିକୁ ଦୁର୍ବଳ କରିଦେଇପାରେ । ଡଙ୍ଗରିଆ କନ୍ଧମାନେ ଏହି ଭୀତିପ୍ରଦ ସଂକଟଗୁଡ଼ିକୁ ବୁଝି ପୂର୍ବାନୁମାନ କରିବା ଆରମ୍ଭ କରିଛନ୍ତି । ପୁନଃ ଖଣିଖନନ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ସକାଶେ ବୃଦ୍ଧି ପାଉଥିବା ଚାପ ସମ୍ମୁଖରେ ଏବଂ ସାଂସ୍କୃତିକ ଦୃଷ୍ଟିରୁ ମେଳ ହେଉନଥିବା ଅନୁପଯୋଗୀ ସମାଜମଙ୍ଗଳ କାର୍ଯ୍ୟକ୍ରମମାନ କ୍ରମାଗତ ପ୍ରବର୍ତ୍ତନ ଏବଂ 'ବିକାଶ'ର ତାତ୍ପର୍ଯ୍ୟ ଉପରେ ଏକ ବିତର୍କର ଆବଶ୍ୟକତା ଏବଂ ଏହାକୁ

ନେଇ ଗୋଷ୍ଠୀ ଭିତରେ ହିତ ସାଧନର ବିକଳ୍ପମାନ ସମେତ ସାମ୍ଭାବ୍ୟ ପ୍ରତିକ୍ରିୟାମାନ ଜରୁରୀ ହୋଇପଡ଼ିଛି । ଏବେ ଯେପରି ହୋଇଛି ସେଇ ଅବସ୍ଥାରେ ବିକଳ୍ପ ବାଛିବା ପାଇଁ ଗୋଷ୍ଠୀର ବିଶେଷ କିଛି ସହଜଲଭ୍ୟ ତଥ୍ୟଭିତ୍ତିକ ନିଜସ୍ୱ ସମ୍ବଳ ନାହିଁ ଏବଂ ଏହି ବିକଳ୍ପ ଗୁଡ଼ିକର ଇଙ୍ଗିତ ଓ ନିହିତାର୍ଥ ମଧ୍ୟ ସୁଲଭ ନୁହେ ।

ସରକାର ଯଦି ବଞ୍ଚପରିଜର ଆଦିବାସୀମାନଙ୍କର ସ୍ୱାର୍ଥକୁ ସୁରକ୍ଷା ଦେବାର ପ୍ରତିଶ୍ରୁତିରେ ଏବଂ ବିଶେଷ କରି PVTGS ମାନଙ୍କରେ ଯେହେତୁ ସାମ୍ବିଧାନିକ ଭାବରେ ସରକାର ଏହା କରିବା ପାଇଁ ଅଧିକାର ପ୍ରାପ୍ତ, ଗୋଷ୍ଠୀକୁ ସମର୍ଥନ କରିବା, ଏହାର ପାହାଡ଼ମାନଙ୍କ ଉପରେ ଅଧିକାର ଗୁଡ଼ିକୁ ଦୃଢ଼ ସାବ୍ୟସ୍ତ କରିବା ଏବଂ ସେମାନଙ୍କର ପରିବେଶ ଉପଯୋଗୀ, ସାଂସ୍କୃତିକ ଏବଂ ଜ୍ଞାନର ମୂଳଭିତ୍ତି ଉପରେ ପର୍ଯ୍ୟବସିତ ଜୀବିକା ନିର୍ବାହର ପନ୍ଥା ଗୁଡ଼ିକରେ ବୃଦ୍ଧି ଘଟାଇବା ସରକାରଙ୍କ ପାଇଁ ବାଧ୍ୟତାମୂଳକ ଅଟେ । ନିୟମଗିରି ସୁରକ୍ଷା ସମିତି ପ୍ରସ୍ତାବମାନଙ୍କୁ ଏବଂ ରାଜ୍ୟର ଦମନକୁ ପ୍ରତିହତ କରିବାରେ ସାହାଯ୍ୟ କରିବାର ଆଶୁ ଭୂମିକା ବ୍ୟତୀତ ଏପରି ଏକ ପ୍ରକ୍ରିୟାର ସୁଯୋଗ ସୃଷ୍ଟି କରିବାରେ ଆପଣାକୁ ନିୟୋଜିତ କରିବା ଆବଶ୍ୟକ । ଡଙ୍ଗରିଆ କନ୍ଧମାନଙ୍କୁ ସ୍ଥାନୀୟ ପରିସ୍ଥିତି ପାଇଁ ଉପଯୋଗୀ ହେଲାଭଳି ଶିକ୍ଷଣର ରୀତି ଏବଂ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନନେବା, ଯୋଗାଯୋଗ, ଏବଂ ଜୀବିକା ଉପାର୍ଜନର ପନ୍ଥାମାନ, ସେମାନଙ୍କର ନିଜର ଚଳଣି ଓ ଜ୍ଞାନକୁ ନେଇ ଘରଦ୍ୱାର ନିର୍ମାଣ କରିବାରେ ଏକ ବିକଳ୍ପର ସନ୍ଧାନର ସୂଚନା ଯୋଗାଇ ଦେବାର ଆବଶ୍ୟକତା ରହିଛି । ଏଭଳି ଭାବରେ ଏହି ସଂକଟାପନ୍ନ ପରିସ୍ଥିତିରେ ବର୍ତ୍ତମାନ ମୁଖ୍ୟ ହୋଇଯାଉଛି ସରକାରଙ୍କ ପାଇଁ ପୋଲିସ୍‌ର ଦମନ ପ୍ରକ୍ରିୟାକୁ ବନ୍ଦ କରିବା, ଅନୁପଯୋଗୀ ଜନମଙ୍ଗଳ କାର୍ଯ୍ୟକ୍ରମ ଗୁଡ଼ିକୁ ପୁନଃ ସମୀକ୍ଷା କରିବା, ଖଣି ନିଲାମ ଡାକିବାର ବ୍ୟବସ୍ଥାକୁ ସବୁଦିନ ପାଇଁ ବନ୍ଦ କରିବା ସକାଶେ ଘୋଷଣା କରିବା ଏବଂ ଏକ ବାତାବରଣ ସୃଷ୍ଟି କରିବା ଯହିଁରେ ଗୋଷ୍ଠୀ ସ୍ପଷ୍ଟ ଭାବରେ ବ୍ୟକ୍ତ କରିପାରିବ ଏହାର ବିଶ୍ୱ ଦୃଷ୍ଟିକୁ ଏବଂ ତାର ଜୀବନଯାପନ ପନ୍ଥାରେ ପରିବର୍ତ୍ତନକୁ ନିଜସ୍ୱ ଧାରାରେ ପରିଣତିର ସଂପୂର୍ଣ୍ଣ ଜ୍ଞାନ ସହିତ ଗ୍ରହଣ କରିବା ଓ ପ୍ରତ୍ୟାଖ୍ୟାନ କରିବାର ଅଧିକାରକୁ ଦୃଢ଼ ଭାବରେ ସାବ୍ୟସ୍ତ କରିପାରିବ ।

# REFERENCES:


Amnesty International. (2010, February). *Don't mine us out of existence: Bauxite mine and refinery devastate lives in India.* Retrieved January 2, 2015, from Amnesty International: http://www.amnesty.org/en/library/info/ASA20/001/2010/en

Bavikatte, K., & Jonas, H. (Eds.). (2009). *Bio-Cultural Community Protocols: A Community Approach to Ensuring the Integrity of Environmental Law and Policy.* South Africa: United Nations Environment Programme and Natural Justice.

Bera, S. (2013, July 31). Niyamgiri in bits and pieces. *Down to Earth*. Available at: http://www.downtoearth.org.in/news/niyamgiri-in-bits-and-pieces-41704

Fiagoy, G. (1988). The Chico River Dam and Beyond: The Cordillera People's Struggle for Self-Determination. In R. Singh (Ed.), *Dams and Other Major Projects: Impact and Response of Indigenous People* (pp. 7-20). Hong Kong: CCA-URM.

Gill, K., Bhattacharya, R., & Bhattacharya, S. (2015). *The political economy of capitalism, 'development' and resistance: The state and adivasis of India.* New Delhi: Oxfam India.

Hardenberg, R. J. (2005). *Children of the Earth Goddess: Society, Marriage and Sacrifice in the Highlands of Orissa.* Westfalische Wilhelms-Universitat.

Hill, G. (2011, August 12-15). *Grassroots Gathering to Resist the Proposed Pipelines: Report Back from Unist'hot'en Gathering, Wet'suwet'en Territory*. British Columbia, Canada. Available at: http://vancouver.mediacoop.ca/against_ptp

Jena, M. K., Pathi, P., Dash, J., Patnaik, K. K., & Seeland, K. (2002). *Forest Tribes of Orissa: The Dongaria Kondh* (Vol. 1). New Delhi: D.K. Printworld (P) Ltd. .

Kothari, A. (a). (2014, June 27). *Degrowth and Radical Ecological Democracy: A View from the South.* Retrieved June 2, 2016, from Degrowth: http://www.degrowth.de/en/2014/06/degrowth-and-radical-ecological-democracy-a-view-from-the-south/

Kothari, A.(b). (2014, July). *Radical Ecological Democracy: A Path Forward for India and Beyond.* Retrieved May 24, 2016, from Great Transition Initiative: http://www.greattransition.org/publication/radical-ecological-democracy-a-path-forward-for-india-and-beyond

Kothari, A., & Das, P. (2016). Power in India: Radical Pathways. In N. Buxton, & D. Eade, *State of Power 2016* (pp. 183-202). Amsterdam: Transnational Institute.

Kothari, A., Demaria, F., & Acosta, A. (2015, July 21). *Sustainable development is failing but there are alternatives to capitalism.* Retrieved January 23, 2016, from The Guardian: http://www.theguardian.com/sustainable-business/2015/jul/21/capitalism-alternatives-sustainable-development-failing

Manda, D. S. (2009, March 14). *Ubuntu philosophy as an African philosophy for peace.* Retrieved May 6, 2016, from AfricaFiles: www.africafiles.org/article.asp?ID=20359

Nayak, P. K. (1988). Tradition and Development in Tribal Orissa: A Case Study of the Dongria Kondh Development Agency. In Sachchidananda, B. B. Mandal, K. K. Verma, & R. P. Sinha, *Tradition and Development* (pp. 79-94). New Delhi: Concept Publishing Company.

Supreme Court of India. (2013).*Orissa Mining Corporation Verus Minstry of Environment and Forest and Others*, Writ Petition (C) No. 180/2011 (Supreme Court April 18, 2013).

Pachamama Alliance. (n.d.). *Sumak Kawsay: Ancient Teachings of Indigenous Peoples.* Retrieved February 27, 2016, from Pachamama Alliance: http://www.pachamama.org/sumak-kawsay

Sarmiento Barletti, J. P. (2011). *Kametsa asaiki: The pursuit of the 'good life' in an Ashaninka village (Peruvian Amazonia).* University of St. Andrews.

Saxena, N.C., Parasuraman, S., Kant, P.,&Baviskar,A. (2010). *Report of the four member committee for investigation into the proposal submitted by the Orissa Mining Company for bauxite mining in Niyamgiri.* New Delhi: Ministry of Environment and Forests: Government of India.

Shodhganga. (n.d.). *The Kondh Tribe: Their Culture and Education.* Retrieved from Shodhganga: http://shodhganga.inflibnet.ac.in/bitstream/10603/15135/6/06_chapter%202.pdf

Survivial International . (n.d.). *Interview with Dr. Felix Padel.* Retrieved December 17, 2014, from Survival International: http://www.survivalinternational.org/articles/3322-interview-with-felix-padel

Tatpati, M., Nayak S K., & Mishra, R. (2015, May 26). The Dongria Kondh Habitat: Securing tribal rights means understanding them first. *Indiatogether*: http://indiatogether.org/articles/dongriakondhsecuringtribalrightshumanrights/
Print

UN. (2008, April 30). *Indigenous peoples face growing crisis as climate change, unchecked economic growth, unfavourable domestic laws force them from lands.* Retrieved February 3, 2016, from United Nations: http://www.un.org/press/en/2008/hr4951.doc.htm

UNDSPD. (n.d.). *Indigenous Peoples and Industrial Corporations: Factsheet.* Retrieved from United Nations Division for Social Policy and Development: Indigenous Peoples: http://www.un.org/en/events/indigenousday/pdf/Indigenous_Industry_Eng.pdf

Upali, A. (1994). *Culture and Development: Dongrias of Niyamgiri* (Vol. 167 Tribal Studies of India). Inter-India Publications.

Vasundhara. (2006). *A brief report on Ecological and Biodiversity Importance of Niyamgiri Hill and Implications of Bauxite Mining.* Bhubaneshwar: Vasundhara.

Wagan and Jagalingou Family Council. (n.d.). *Stop Adani destroying our land and culture.* Retrieved May 11, 2016, from Wagan and Jagalingou Family Council: http://wanganjagalingou.com.au/orf-fight/

Watts, M., Marti, S. (Producers), Watts, M., & Marti, S. (Directors). (2015). *Life Plan (Plan de Vida): Territories of Life* [Motion Picture].

World Rainforest Movement. (2006, Februlary). *Brazil: Follow-up of the Tupinikim and Guarani struggle against Aracruz Celulose* . Retrieved from World Rainforest Movement: http://www.wrm.org.uy/oldsite/bulletin/103/Brazil2.html

## ପାଦଟୀକା :

୧. ଆଦିବାସୀର ଆକ୍ଷରିକ ଅର୍ଥ ହେଉଛି ପ୍ରଥମ ଅଧିବାସୀ ଏବଂ ଭାରତର ସ୍ଥାନୀୟ ଗୋଷ୍ଠୀକୁ ବର୍ଣ୍ଣନା କରିବା ପାଇଁ ଏହା ଏକ ଶବ୍ଦ ରୂପେ ବ୍ୟବହୃତ ହୁଏ । ଭାରତର ସଂବିଧାନରେ ସେମାନଙ୍କୁ ଅନୁସୂଚିତ ଜନଜାତି ରୂପେ ଶ୍ରେଣୀଭୁକ୍ତ କରାଯାଇଛି । ଭାରତ ସରକାର କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ 'ସ୍ଥାନୀୟ ବାସିନ୍ଦା' ରୂପେ ବିଚାର କରନ୍ତି ନାହିଁ, କାରଣ ଏହା ସମସ୍ତ ନାଗରିକଙ୍କୁ ସ୍ଥାନୀୟ ବାସିନ୍ଦା ରୂପେ ଦାବୀ କରିଥାଏ ।

୨. (Fiagoy, 1988)

୩. (Hill, 2011)

୪. (World Rain forest Movement, 2006)

୫. Wagan and jagalingou family Council, n.d)

୬. (UNDSPD. n-d); (Un. 2011)

୭. (Sarmiento Baletti, 2011)

୮. (Pachamama Alliance, n.d.)

୯. (Manda, 2009)

୧୦. (Kothari & Das, 2016)

୧୧. (Walts and Marti, 2015)

୧୨. (Bavi Katte & Jones, 2009)

୧୩. (Kothari (a) 2014); (Kothari, Demaria & Acosta, 2015); (Kothari (b) 2014)

୧୪. କଳ୍ପବୃକ୍ଷ ଆଶାକରେ ଗୋଟିଏ ବା ଦୁଇଟି ସ୍ଥାନରେ ଏପରି କାର୍ଯ୍ୟମାନ କ୍ରିୟାନ୍ୱିତ କରିବା, ସମ୍ଭବତଃ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଗଣ୍ଡ ଆଦିବାସୀଙ୍କୁ ନେଇ ଏବଂ ତେଲେଙ୍ଗାନାର ମେଡ଼କ ଜିଲ୍ଲାରେ ଦଳିତ ମହିଳା କୃଷକଙ୍କୁ ନେଇ ।

୧୫. ଶିବପଦର ଗ୍ରାମ ପଞ୍ଚାୟତରେ କେଶର ପାଡ଼ି ଓ ସେରକ ପାଡ଼ି ଗାଁ, ମୁନିଖୋଲ ଗ୍ରାମ ପଞ୍ଚାୟତରେ ମେରକାବଣ୍ଡିଲି, ସାକତ, ଗୋରଟା, ତ୍ରୋହଲି, ବଡ଼ଡେଙ୍ଗୁଣୀ, ସାନଡେଙ୍ଗୁଣୀ, ଢାମଣାପଙ୍ଗା ଏବଂ ମୋଣ୍ଡା ଇତ୍ୟାଦି ଗାଁ; ଖାମ୍ବେସୀ ଗାଁ କୁର୍ଲି ଗ୍ରାମ ପଞ୍ଚାୟତରେ ଏବଂ ବାରିଗୁଡ଼ା ଗାଁ ରାୟଗଡ଼ାର ହାଟ ମୁନିଗୁଡ଼ା ପଞ୍ଚାୟତରେ; ଲକ୍ଷପଦର ଭୀମ୍ କେଲା ପଞ୍ଚାୟତର ଏବଂ ଫୁଲଡୁମର ଏବଂ ପାଲବେରୀ ଗାଁ କଳାହାଣ୍ଡି ଜିଲ୍ଲାର ତ୍ରିଲୋଚନପୁର ପଞ୍ଚାୟତରେ ।

୧୬. (Vasundhara, 2006)

୧୭. (Shodhganga, n.d.)

୧୮. ଡଙ୍ଗରିଆ ବିଶ୍ୱାସ କରେ ଯେ ସେମାନେ ଲାଞ୍ଜିଗଡ଼ ଚାରିପଟେ ସମତଳେ ବାସ କରୁଥିଲେ ଏବଂ ପାହାଡ଼କୁ ଯାଉଥିଲେ ଶିକାର କରିବା ପାଇଁ ଏବଂ ଖାଦ୍ୟ ସଂଗ୍ରହ କରିବା ପାଇଁ । ତେବେ, ଘଟଣାକ୍ରମେ ସେମାନେ ପାହାଡ଼ମାନଙ୍କ ଉପରେ ରହିବା ଆରମ୍ଭ କଲେ । (Jena, Pathi, Dash, Patnaik & Seeland, 2002)

୧୯. ଏ ପ୍ରକାର କୃଷିରେ, ଖଣ୍ଡେ ଜଙ୍ଗଲ ସଫା କରାଯାଏ ଏବଂ ପୂର୍ବର ଜଙ୍ଗଲ ଖଣ୍ଡଟି ଛାଡ଼ି ଦିଆଯାଏ କେତେ ବର୍ଷ ପାଇଁ ଚାଷ ନକରି । ଏପରି ଭାବରେ ଖଣ୍ଡେ ଖଣ୍ଡେ ସଫା କରି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଚାଷ କରାଯାଏ । ଏହା ଦ୍ୱାରା ଜଙ୍ଗଲ ଆପେ ଆପେ ପୁଣି ସୃଷ୍ଟି ହୁଏ ଚାଷ ହୋଇନଥିବା ଖଣ୍ଡରେ ଯହିଁରୁ ଜଙ୍ଗଲଜାତ ଦ୍ରବ୍ୟ ଯଥେଷ୍ଟ ମିଳେ । ଏପରି ଚାଷ କରି ଡଙ୍ଗରିଆ କନ୍ଧ ବାଜରା, ଶୁଆ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ କର ।

୨୦. (Sexena, Parasuraman, Kant, & Baviskar, 2010).

୨୧. ଆମେ ଭେଟିଥିବା କେତେକ ବୟସ୍କ ଲୋକ କହନ୍ତି ଯେ ୧୧୨ ରୁ ଅଧିକ ଏପରି ପଦର ଏହି ପର୍ବତମାନଙ୍କରେ ବିସ୍ତୃତ ହୋଇରହିଛି ।

୨୨. (Jena, Pathi, Dash, Patnaik & Seeland 2002) ଏହାକୁ କୁଟୁମ୍ବି କହନ୍ତି । ଯାହାହେଉ, ଡଙ୍ଗରିଆ କନ୍ଧ ଓ ଅନ୍ୟଗୋଷ୍ଠୀର ଲୋକଙ୍କ ସହିତ କଥାବାର୍ତ୍ତା ବେଳେ ସେମାନେ ଏହି ଅନୁଷ୍ଠାନକୁ 'କୁଟୁମ୍ବ' କହିଲେ ।

୨୩. ଗୋଟିଏ ଗାଁରେ ଏକ ମୁଖ୍ୟ କୁଳ ବ୍ୟତୀତ ଅନ୍ୟ କୁଳରୁ ଅନେକ ସଦସ୍ୟ ଉପସ୍ଥିତ ରହିପାରନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଗାଁର ସମସ୍ତ ସଦସ୍ୟଙ୍କ ମଧ୍ୟରେ ନାୟ କୁଟୁମ୍ବ ସଭାପତିତ୍ୱ କରନ୍ତି । ମୁଠାମଣ୍ଡଳ ଗୋଟିଏ କୁଳର ପ୍ରତିନିଧିତ୍ୱ କରିଥାନ୍ତି ଗୋଟିଏ ଗ୍ରାମପୁଞ୍ଜରୁ ଯିଏ ନିଜ କୁଳର ଆନୁଷ୍ଠାନିକ ପ୍ରସଙ୍ଗରେ ମୁଖ୍ୟ ହୋଇଥାନ୍ତି ।

୨୪. (Hardenberg, 2005); (Jena, Pathi, Dash, Patnaik, & Seeland, 2002)

୨୫. (Gill, Rajesh, & Snehashish, 2015)

୨୬. ୧୯୯୨ରେ ପ୍ରବର୍ତ୍ତିତ ୭୩ ତମ ସଂବିଧାନ ସଂଶୋଧନରେ ଭାରତର ରାଜନୈତିକ ବ୍ୟବସ୍ଥାକୁ ସାଧାରଣତଃ ଏହା ନିର୍ଦ୍ଦେଶକରେ । ଏହାଦ୍ୱାରା ଏକ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ଗ୍ରାମମାନଙ୍କରେ ପ୍ରତିଷ୍ଠିତ ହୋଇଅଛି ।

୨୭. ଭାରତୀୟ ସଂବିଧାନରେ ପଞ୍ଚମ ଅନୁସୂଚୀ, ଅନୁସୂଚିତ ଜନଜାତିଙ୍କୁ ସେମାନେ ବାସ କରୁଥିବା ଭୂମି ଉପରେ ଅଧିକାର ପ୍ରଦାନ କରେ । ପଞ୍ଚମ ଅନୁସୂଚିତ ଅଞ୍ଚଳ ହେଉଛି ସେଗୁଡ଼ିକ ଯେଉଁଠାରେ ଅଧିକ ସଂଖ୍ୟାରେ ଆଦିବାସୀ ସଂପ୍ରଦାୟ ବସବାସ କରନ୍ତି ଏବଂ ଏଗୁଡ଼ିକ ଭାରତର ରାଷ୍ଟ୍ରପତି ବିଜ୍ଞପିତ କରିଥାନ୍ତି । ପଞ୍ଚାୟତ ଆଇନ ୧୯୯୬ ପରି ସ୍ୱତନ୍ତ୍ର ଆଇନ ଦ୍ୱାରା ଏଗୁଡ଼ିକ ଶାସିତ ହୁଏ ।

୨୮. ଆଦିମ ଆଦିବାସୀ ସଂପ୍ରଦାୟ ୧୯୭୩ରେ ଧେବର କମିଶନଙ୍କ ଦ୍ୱାରା ଚିହ୍ନିତ ହୋଇଛନ୍ତି ଏବଂ ୨୦୦୬ରେ ସେମାନଙ୍କୁ ରୂପେ ପୁଣି ନାମିତ କରାଯାଇଛି । ଏହି ଗୋଷ୍ଠୀ ଗୁଡ଼ିକ ଅପେକ୍ଷାକୃତ କମ୍ ବିକଶିତ ବୋଲି ବିଚାର କରାଯାଏ । ଅନ୍ୟ ଆଦିବାସୀ ଗୋଷ୍ଠୀମାନେ ସେମାନଙ୍କର ସମଗୋଷ୍ଠୀୟ ବିବାହ ଯୋଗୁଁ ଜନସଂଖ୍ୟା ସ୍ଥିର ଅଥବା ହ୍ରାସ ପାଉଛି, ପୃଥକ ହୋଇ ବସବାସ

କରୁଛନ୍ତି, ପୋଡୁଚାଷରେ ଏବଂ ଜଙ୍ଗଲ ଜାତଦ୍ରବ୍ୟରେ ସରଳ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି ଏବଂ ଏମାନଙ୍କ ଭିତରେ ସାକ୍ଷରତା ନିହାତି କମ୍ ।

୨୯. (Nayak, 1988)

୩୦. ଭାରତରେ ଅନୁସୂଚିତ ଜନଜାତିମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ପରିଯୋଜନା ମାନ ପ୍ରବର୍ତ୍ତନ କରାଗଲା ଏକ ବିଧାନ ରୂପ । ଯୋଜନାଗୁଡ଼ିକୁ ପାଣ୍ଠି କେନ୍ଦ୍ର ସରକାରଙ୍କ ଠାରୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗମାନଙ୍କରୁ ସୁବିଧା ସୁଯୋଗ ଯୋଗାଇ ଦିଆଗଲା ।

୩୧. (Aparajita, 1994)

୩୨. ଚାଣିକଣାର DKDAର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଭାଗିରଥି ସାହୁଙ୍କ ସହିତ କଥାବାର୍ତ୍ତା କଲାବେଳେ ସେ କହିଲେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କଳାହାଣ୍ଡି ଜିଲ୍ଲା କାର୍ଯ୍ୟ କରୁଛି ।

୩୩. ଗ୍ରାମସଭା ମଧ୍ୟ, ଏହା ଗ୍ରାମର ସମ୍ମେଳନ, ଗାଁର ସମସ୍ତ ବୟସ୍କ ଏଠାରେ ଏକତ୍ର ହୁଅନ୍ତି, ତେବେ ଗ୍ରାମସଭା ବେଳେବେଳେ ଅନେକ ଗାଁର ଲୋକଙ୍କୁ ନେଇ ଅନୁଷ୍ଠିତ ହୋଇଥାଏ । ଏହାର ଅର୍ଥ ହେଲା ପ୍ରକୃତ ସଭା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରିବା ପାଇଁ ବସିଥାଏ ।

୩୪. ତଥ୍ୟ ଯୋଗାଇଛନ୍ତି ଶ୍ରୀଜଗନ୍ନାଥ ମହାନ୍ତି (ରାୟଗଡ଼ାର ଜିଲ୍ଲା କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ଗୋଟିଏ ଅଭିଯୋଗ (୨୦୧୫ର ନଂ ୫୫୦୬)ର ଉତ୍ତରରେ ଯାହା ଓଡ଼ିଶା ମାନବ ଅଧିକାର କମିଶନ ଠାରେ ନିୟମଗିରି ସୁରକ୍ଷା ସମିତିର ସଂପାଦକ ଦଧି ପୁସିକାଙ୍କ ଦ୍ୱାରା ଦାଖଲ କରାଯାଇଥିଲା । ରାୟଗଡ଼ା ପୋଲିସର ଡଙ୍ଗରିଆ କନ୍ଧଙ୍କ କ୍ଷେତ୍ରରେମାନବ ଅଧିକାର ଭଙ୍ଗକୁ ନେଇ ।

୩୫. ଏଜନ

୩୬. ଓଡ଼ିଶା ଖଣି ନିଗମ ((OMC) ଏବଂ ବେଦାନ୍ତ ଆଲୁମିନା ଲିମିଟେଡ (VAL) ଏହା ଏକ ବେଦାନ୍ତ ଉତ୍ସର ଉପବିଭାଗ ଖଣି ବିକାଶ ପାଇଁ ଏକ ଯୁଗ୍ମ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି ।

୩୭. (Amnesty International, 2010)

୩୮. ଏଜନ

୩୯. (Supreme Court of India, 2013)

୪୦. (Shrivastava, 2014)

୪୧. (Survival International, n.d)

୪୨. (Nayak, 1988)

୪୩. ଜଙ୍ଗଲରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କୁ ବହୁଦିନର ଚାହିଦାକୁ ସ୍ୱୀକୃତି ଓ ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ ପାଇଁ କାର୍ଯ୍ୟକାରୀ ହୋଇଥିଲା । ଜମି ଉପରେ ଏମାନଙ୍କର ଅଧିକାର, ଜୀବନଜୀବିକା

ଏବଂ ଅଞ୍ଚଳ ଗୁଡ଼ିକ, ଜଙ୍ଗଲ ଉପରେ ରାଷ୍ଟ୍ରର ନିୟନ୍ତ୍ରଣ ଏବଂ ବିକାଶ ଓ ସଂରକ୍ଷଣ କ୍ରିୟା କଳାପ ବଢ଼ିବା ଯୋଗୁଁ ବହୁତ ମାତ୍ରାରେ କମି ଯାଇଛି । ଏହି ଆଇନ ସ୍ୱୀକୃତି ଦେଉଛି ଜଙ୍ଗଲ ଉପରେ ବ୍ୟକ୍ତିର ଓ ଗୋଷ୍ଠୀର ଅଧିକାର କେବଳ ବାସଗୃହ କରିବା ଓ ନିଜେ କୃଷି କରିବା ଏବଂ ଜଙ୍ଗଲ ଉପରେ ସମୂହ ଅଧିକାର । ଯେଉଁ ଗୋଷ୍ଠୀ ଡଙ୍ଗରିଆ କନ୍ଧଙ୍କର ଦୁର୍ବଳ ସେମାନଙ୍କର ଆବାସ ଅଧିକାର ରହିବ ଏବଂ ଏହା ସ୍ୱୀକୃତ ହେବ ।

୪୪. (Supreme Court of India, 2013)

୪୫. ଗ୍ରାମ ସଭା ଦ୍ୱାରା ଜଙ୍ଗଲ ଉପରେ ଅଧିକାର ଦାବୀ କରିବାକୁ ହେବ, ସଦସ୍ୟମାନଙ୍କ ଭିତରୁ ଏକ ନିର୍ବାଚିତ କମିଟି ଦ୍ୱାରା ।

୪୬. (Bera, 2013)

୪୭. Dr. N.C. Sexenaଙ୍କ ନେତୃତ୍ୱରେ ଏକ ଚାରିଜଣିଆ କମିଟି ଗଠିତ ହୋଇଥିଲା ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଦ୍ୱାରା ନିୟମଗିରି ପର୍ବତମାଳାରେ ଯାହା ଖଣିଖନନ ଯୋଗୁଁ ଲହୋଇଥିବା ପାରିବେଶିକ ଓ ସାମାଜିକ କ୍ଷତିର ଅନୁସନ୍ଧାନ କରିବା ପାଇଁ ଗଠିତ ହୋଇଥିଲା । ନିୟମଗିରିରେ ଅଧିକାର ପ୍ରଦାନ କରିବା FRA ଅନୁକ୍ରମେ ଏବଂ ଜଙ୍ଗଲ ପଶୁ ସମ୍ପଦ ଉପରେ ଓ ଜୈବବିବିଧତା ଉପରେ ଖଣି ଖନନର ପ୍ରଭାବ ।

୪୮. DKDAର ଅଧିକାରୀଙ୍କ ସହ ସାକ୍ଷାତକାର ଏବଂ ଗୋଷ୍ଠୀର ସଦସ୍ୟଙ୍କ ସହ ଆଲୋଚନା

୪୯. (Tatpati, Nayak, Mishra, 2015)

୫୦. 'ବସୁନ୍ଧରା' ନାମକ ଏକ ବେସାମରିକ ସଂଗଠନ ଦ୍ୱାରା ଗୋଷ୍ଠୀର ବୟସ୍କ ଲୋକଙ୍କୁ ନେଇ ସଭାମାନ ଆୟୋଜିତ ହୋଇଥିଲା ।

୫୧. PVTGs ଙ୍କର ସମ୍ମାନ ଓ ଜୀବନର ପରିପ୍ରେକ୍ଷୀରେ ସେମାନଙ୍କର ଜମି ଓ ସମ୍ବଳ ସଂକଟାପନ୍ନ ହେତୁ ସେଗୁଡ଼ିକର ସୁରକ୍ଷାକୁ ଅଙ୍ଗୀକାର କରିବା, FRAର ଧାରା 3(1)(d) ଦେଖନ୍ତୁ । ଏବଂ ପ୍ରାକ୍ କୃଷି ଗୋଷ୍ଠୀମାନଙ୍କର ଆଦିମ ଆଦିବାସୀ ଗୋଷ୍ଠୀର ଆବାସ ଓ ବସତି ଉପରେ ଅଧିକାର ସ୍ୱୀକୃତି ଯୋଗାଇ ଥାଏ ଧାରା 3(1)(e) । ଏହି ଆଇନ୍ ସ୍ୱୀକୃତି ଦେଇଥାଏ । ଏହି ଗୋଷ୍ଠୀମାନଙ୍କର ପାରମ୍ପରିକ ଅନୁଷ୍ଠାନ ମାନଙ୍କୁ ଏବଂ ସେମାନଙ୍କର ଜମି ବିନିଯୋଗରେ ବିବିଧତାକୁ ପାରମ୍ପରିକ ଅଞ୍ଚଳମାନଙ୍କରେ ବସତି, ଜୀବିକା ଉପାର୍ଜନ, ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ପରିଚାଳନା କରିବା ପାଇଁ, ଯୋଜନା କରିବା ପାଇଁ ଏହି ଅଞ୍ଚଳରେ ତାଙ୍କର ପାରମ୍ପରିକ ବସତି ଉପରେ ଛାଡ଼ି ଦେବା ।

୫୨. ଆମେ ଯେତେବେଳେ ଏକକିତା ନକଲ ପାଇଁ ପଚାରିଲୁ, ଆମକୁ କୁହାଗଲା ଏହା ଏକ ଚିଠି ହୋଇ ରହିଛି ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ଅନୁମୋଦିତ ହେବ ଏବଂ ଏହା ସର୍ବସାଧାରଣରେ ବର୍ଣ୍ଣନ ପାଇଁ ଉପଲବ୍ଧ ହେବନାହିଁ ।

୫୩. (Hardenberg, 2005)

୫୪. ବସୁନ୍ଧରା, ଓଡ଼ିଶାର ସୁଶାନ୍ତ କୁମାର ଦଳାଇଙ୍କ ସହ ବ୍ୟକ୍ତିଗତ କଥୋପକଥନ ।

୫୫. ଏହି ରିପୋର୍ଟଟି ଯେତେବେଳେ ମୁଦ୍ରିତ ହେବାକୁ ଗଲା, ଗୋଷ୍ଠୀର ଏହି ତିନିଜଣ ସଦସ୍ୟଙ୍କର କୌଣସି କ୍ରିୟାକଳାପରେ ସଂପୃକ୍ତି ନଥିଲା, ତେଣୁ କୌଣସି ପ୍ରମାଣ ସେମାନଙ୍କ ବିରୁଦ୍ଧରେ ସେତେବେଳେ ନଥିଲା । ଯେଉଁଥି ପାଇଁ ସେମାନେ ନିର୍ଯ୍ୟାତିତ ହେବେ । ଦାସ୍ରୁ ଆହୁରି କାରାଗାରରେ ଅଟକ ଅଛି ।